

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୪ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 August 2024
Vol.No. 35 ■ No.209 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦଲଜିତ ସିଂହ ଚୌଧୁରୀ ହେଲେ ବିଏସ୍ଏଫ ଡିଜି

ନୂଆଦିଲ୍ଲୀ, ୩/୮ : କେନ୍ଦ୍ର ସରକାର ଆଜି ସୀମା ସୁରକ୍ଷା ବଳ ବା ବିଏସ୍ଏଫର ଡିଜି ଭାବେ ଦଲଜିତ ସିଂହ ଚୌଧୁରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ୧୯୯୦ ମସିହା ଆଇପିଏସ କ୍ୟାଡର(ଉତ୍ତର ପ୍ରଦେଶ) ଏବେ ସଶସ୍ତ୍ର ସୀମା ବଳ ବା ଏସଏସବିର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ସେ ଏସଏସବି ସହ ବିଏସଏଫର ଅତିରିକ୍ତ ଦାୟିତ୍ୱ ମଧ୍ୟ ସମ୍ଭାଳିବେ । ବିଏସ୍ଏଫ ଡିଜି ନୀତୀନ ଅଗ୍ରୱାଲଙ୍କୁ ଗତକାଲି କେନ୍ଦ୍ର ସରକାର ପଦରୁ ହଟାଇ ଦେଇଥିଲେ । କାର୍ଯ୍ୟକାଳ ସରିବା ଆଗରୁ ତାଙ୍କୁ ପଦରୁ ଅବ୍ୟାହତି ଦିଆଯାଇଥିଲା । ଏହାପରେ ଆଜି କେନ୍ଦ୍ର ସରକାର ଶ୍ରୀ ଚୌଧୁରୀଙ୍କୁ ବିଏସଏଫ ଦାୟିତ୍ୱ ଦେଇଛନ୍ତି । ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଚୌଧୁରୀ ଅତିରିକ୍ତ ଭାବେ ବିଏସଏଫ ଡିଜି ଦାୟିତ୍ୱରେ ରହିବେ । ଏହି ପଦରେ ସେ ସ୍ଥାୟୀ ବିଏସଏଫ ଡିଜି ନିଯୁକ୍ତ ହେବା ଯାଏ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ଯାଏ କାମ କାରିବେ । ବର୍ତ୍ତମାନ ନେପାଳ ଓ ଭୁଟାନ ସୀମାରେ ମୁତୟନ ଏସଏସବିର ମୁଖ୍ୟ ଭାବେ ଶ୍ରୀ ଡିଜି କାମ କରୁଛନ୍ତି ।

## ସବୁ ସରକାରୀ ଓ ଘରୋଇ ହସ୍ପିଟାଲ୍‌ରେ ବିଏସକେୱାଇ ଜାରି ରହିବ

ଭୁବନେଶ୍ୱର, ୩/୮ (ନି.ପ୍ର): ରାଜ୍ୟରେ ଜାରି ରହିବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ବଜେଟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ବ୍ୟବସ୍ଥା ରହିଛି । ସମସ୍ତଙ୍କୁ ଏହି କାର୍ଡ ମିଳିବ । ପର୍ଯ୍ୟାୟକ୍ରମେ ଲାଗୁ ହେବ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା । ବର୍ତ୍ତମାନ ଜାରି ରହିବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ବଜେଟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ବ୍ୟବସ୍ଥା ରହିଛି । ସମସ୍ତଙ୍କୁ ଏହି କାର୍ଡ ମିଳିବ । ପର୍ଯ୍ୟାୟକ୍ରମେ ଲାଗୁ ହେବ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା । ଏବେ ସବୁ ସରକାରୀ ଓ ଘରୋଇ ହସ୍ପିଟାଲ୍ ?ରେ ଇଝକଣ ଜାରି ରହିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଏବେ ରାଜ୍ୟରେ ପ୍ରାୟ ୯୬ ଲକ୍ଷ ୫୦ ହଜାର ବିପିଏଲ ଓ ଏପିଏଲ୍ ପରିବାର ଇଝକଣ ଅଧିନରେ ସ୍ୱାସ୍ଥ୍ୟବୀମା ସେବା ପାଉଛନ୍ତି । ଏହି ଯୋଜନାରେ କ୍ୟାସଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର । ତେବେ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ନିର୍ବାଚନ ପୂର୍ବ ଇସ୍ତାହାରରେ ପ୍ରତିଶ୍ରୁତି ଅନୁଯାୟୀ, ▶▶ପୃଷ୍ଠା ୭

# ଅହମଦ ଶାହାର ବଂଶଜ ହେଉଛନ୍ତି ଅମିତ ଶାହା : ଉଦ୍ଧବ




ନୂଆଦିଲ୍ଲୀ, ୩/୮ : ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପରେ ଆଜି ଜୋରଦାର ହମଲା କରିଛନ୍ତି ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ । ସେ ଶ୍ରୀ ଶାହଙ୍କୁ ଆଫଗାନ ଶାସକ ଅହମଦ ଶାହ ଅବଦାଲିଙ୍କ ରାଜନୀତିକ ବଂଶଜ ବୋଲି କହି ସମାଲୋଚନା କରିଛନ୍ତି । ପାନିପତ ଯୁଦ୍ଧରେ ଅବଦାଲି ମରାଠା ଶାସକଙ୍କୁ ପରାସ୍ତ କରିଥିଲେ । ପୁନେରେ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରି ବିଜେପି କ୍ଷମତା ଜିହାଦରେ ଲିପ୍ତ ରହିଥିବା ଉଦ୍ଧବ ଅଭିଯୋଗ କରିଛନ୍ତି । ସେ କକହିଛନ୍ତି. "ଅହମଦ ଶାହ ଅବଦାଲି ମଧ୍ୟ ଜଣେ ଶାହ । ଯେଉଁମାନେ ନୱାଜ ଶରିଫଙ୍କ ସହ କେକ ଖାଇଥିଲେ, ସେମାନେ ଆମକୁ ହିନ୍ଦୁତ୍ୱର ଶିକ୍ଷା ଦେଉଛନ୍ତି । ବିଜେପି ଦଳଗୁଡ଼ିକୁ ବିଭାଜନ କରିବାରେ ମାହିର । ଆମେ ଆମର ହିନ୍ଦୁତ୍ୱ କଥା କହି ମୁସଲିମାନଙ୍କୁ ବୁଝାଇବା ପରେ ଯଦି ସେମାନେ ଆମ ସହ ଆସୁଛନ୍ତି, ତା'ହେଲେ ବିଜେପି ମତରେ ଆମେ ଔରଙ୍ଗଜେବ ଫ୍ୟାନ କ୍ଲବ । କିନ୍ତୁ ବିଜେପି କରୁଥିବେ କ୍ଷମତା ଜିହାଦ କ'ଣ ?" ଅତିରିକ୍ତ ଭାବେ ଠାକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସରକାରଙ୍କୁ ସମାଲୋଚନା କରିଛନ୍ତି । ଭୋଟ ପାଇଁ ଏବେ ସରକାର ବିଭିନ୍ନ ପ୍ରକାରର ଯୋଜନା ପ୍ରଣୟନ କରୁଛନ୍ତି ବୋଲି ସେ କହିଛନ୍ତି । ଜୁଲାଇ ୨୧ ତାରିଖ ଭାଷଣୀରେ ଅମିତ ଶାହ ସିଧାସଳଖ ଉଦ୍ଧବ ଠାକରେଙ୍କୁ ଟାର୍ଗେଟ କରିଥିଲେ । ସେ ତାଙ୍କୁ ଔରଙ୍ଗଜେବ ଫ୍ୟାନ କ୍ଲବର ନେତା କହିଥିଲେ ।

## କେଦାରନାଥରେ ଫସିଛନ୍ତି ୪ ଓଡ଼ିଆ




ନୂଆଦିଲ୍ଲୀ, ୩/୮ : ଦେବଭୂମୀ କେଦାରନାଥରେ ଫସିଛନ୍ତି ୪ ଓଡ଼ିଆ । ଲଗାଣ ବର୍ଷା ଯୋଗୁ ସେମାନେ ଘରକୁ ଫେରିପାରୁନାହାନ୍ତି । ଏ ସମ୍ପର୍କରେ ସୂଚନା ପାଇବା ପରେ ପରିବାର ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଛି । ଗତ ୩୧ ତାରିଖରେ ଏହି ୪ ବନ୍ଧୁ କେଦାରନାଥ ଯାଇଥିଲେ । ସେମାନଙ୍କ ଘର କେନ୍ଦୁଝର ଜିଲ୍ଲାରେ । ବାବା କେଦାରନାଥଙ୍କ ପୀଠକୁ ଯାଇଥିବା ୪ ବନ୍ଧୁ ହେଲେ କେନ୍ଦୁଝର କେମସଡା ଗାଁର ରଷିବର ମହାନ୍ତ ଓ ତେଲକୋଇ ବ୍ଲକର ଜଗମୋହନପୁରର ସଦାନନ୍ଦ ସାହୁ, ସରୁଆଳିର କାର୍ତ୍ତିକ ଖୁଲାର, ଚନ୍ଦ୍ରଶେଖରପୁରର ମହେଶ୍ୱର ପ୍ରଧାନ । ବାବାଙ୍କୁ ଦର୍ଶନ କରି ଫେରିବା ବେଳେ ଲଗାଣ ବର୍ଷା ହୋଇଥିଲା । ଯେଉଁଥିପାଇଁ ସେମାନଙ୍କୁ ଅଧା ବାଟରେ ଅଟକିବାକୁ ପଡ଼ିଥିଲା । ଶୁକ୍ରବାର ସେମାନେ ଘରକୁ ଫୋନ୍ ସେଠାରେ ଫସି ରହିଥିବା ସମ୍ପର୍କରେ କହିଥିଲେ । ତେବେ ସେଠାରେ ସୁରକ୍ଷିତ ଥିବା କହିଥିଲେ । କିନ୍ତୁ ଅକ୍ସିଜେନ ଅଭାବ ଯୋଗୁ ଅସୁବିଧା ପାଉଥିବା ପ୍ରକାଶ କରିଥିଲେ । ଏପଟେ ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରଶାସନକୁ ଗୁହାରି କରିଛନ୍ତି ପରିବାର ଲୋକ ।

# ଟେକ୍ସଟାଇଲ୍, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର, ୩/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ସମୀକ୍ଷା କରି ଅଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଗୁଡିକ ଉପରେ ଗୁରୁତ୍ୱପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୫ ବର୍ଷରେ ରାଜ୍ୟରେ ୩.୫ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ରଗୁଡିକରେ ଅଧିକ ନିଯୁକ୍ତି ସମ୍ଭାବନା ରହିଛି । ତେଣୁ ଏ ସବୁ କ୍ଷେତ୍ରରେ କିପରି ଅଧିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ସେଥି ପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏ ସବୁ କ୍ଷେତ୍ରରେ ଓଡିଆ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ କେନ୍ଦୁଝର ପରି ଖଣିଜ ସମ୍ପଦ ସମୃଦ୍ଧ ଜିଲ୍ଲାରେ ଏ ପର୍ଯ୍ୟନ୍ତ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପିତ ହୋଇପାରି ନାହିଁ । ଜିଲ୍ଲାରେ ଖଣିଜ ସମ୍ପଦ ସହ ଜମି, ଜଳ, ବିଦ୍ୟୁତ, ଯୋଗାଯୋଗର ସୁବିଧା ଆଦି ସବୁ ଆନୁଷଙ୍ଗିକ ଭିତ୍ତିଭୂମିର ସୁବିଧା ମଧ୍ୟ ରହିଛି । ତେଣୁ ସେଠାରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ▶▶ପୃଷ୍ଠା ୭

## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ମୃତ୍ତିକା ସଂରକ୍ଷଣ ଅଧିକାରୀ

ସୁବର୍ଣ୍ଣପୁର, ୩/୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ମୃତ୍ତିକା ସଂରକ୍ଷଣ ପରିଦର୍ଶକ ସୁଧାଂଶୁ ଶେଖର ରଣା ଆଜି ୧୧ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଏକ କାମର ବିଲ୍ କରି ଦେବା ପାଇଁ ରାମଚନ୍ଦ୍ର ମହାକୁଡ଼ ନାମକ ଜଣେ ବ୍ୟକ୍ତିଙ୍କୁ ସେ ୧୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏନେଇ ରାମଚନ୍ଦ୍ର ସୋନପୁର ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ । ଯୋଜନା ମୁତାବକ ଆଜି ରାମଚନ୍ଦ୍ରଙ୍କଠାରୁ ମୃତ୍ତିକା ସଂରକ୍ଷଣ ପରିଦର୍ଶକ ସୁଧାଂଶୁ ଶେଖର ରଣା ସୋନପୁର ସହରର ପଟାଭାଡ଼ିଠାରେ ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ତାଙ୍କୁ ସୋନପୁର ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟକୁ ନେଇ ପଚରାଉଚରା କରାଯାଉଛି ।

## ମହାନଦୀ ମୁହାଣରେ ଫସିଥିବା ୭ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ, ୩/୮ (ନି.ପ୍ର): ଗତକାଲି ସନ୍ଧ୍ୟାରେ ଏକ ବୋଟର ଇଞ୍ଜିନ ଅଚଳ ହୋଇଯିବାରୁ ଅନ୍ୟ ଏକ ବୋଟ ତାକୁ ଟାଣି ଟାଣି ଆଣିଥିଲା । ତେବେ ଅଶାନ୍ତ ମୁହାଣରେ ବୋଟ୍ ଦଉଡି ଛିଡ଼ି ଯିବାରୁ ଦୂରକୁ ଭାସିଯାଇଥିଲା । ଟାପୁରୁ ଉଦ୍ଧାର ହେଲେ ୭ ମତ୍ସ୍ୟଜୀବୀ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବତୀଘର ନିକଟ ଟାପୁରୁ ଉଦ୍ଧାର କରିଛନ୍ତି ସାଥୀ ମତ୍ସ୍ୟଜୀବୀ । ମୁହାଣ ଅଶାନ୍ତ ଥିବାରୁ କଜଳପାତିଆ ନଦୀ ପଟ ଦେଇ ପାରାଦୀପ ମାଛଧରା ବନ୍ଦରରୁ ସମସ୍ତଙ୍କୁ ଉଦ୍ଧାର କରାଯାଇଛି । ଆହତ ଅବସ୍ଥାରେ ଉଦ୍ଧାର ପରେ ସମସ୍ତଙ୍କୁ ଅଠରବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଛି । ଗତକାଲି ସନ୍ଧ୍ୟାରେ ଏକ ବୋଟର ଇଞ୍ଜିନ ଅଚଳ ହୋଇଯିବାରୁ ▶▶ପୃଷ୍ଠା ୭

## ଶାନ୍ତି ଚୁକ୍ତିର ୨୪ ଘଣ୍ଟା ଭିତରେ ମଣିପୁରରେ ପୁଣି ହିଂସା



ନୂଆଦିଲ୍ଲୀ, ୩/୮ : ମଣିପୁରରେ ଥମୁନି ହିଂସା । ଶାନ୍ତି ଚୁକ୍ତିର ୨୪ ଘଣ୍ଟା ଭିତରେ ଏଠାରେ ପୁଣି ଥରେ ହିଂସା ଘଟିଛି । ଗୋଟିଏ ପଟେ ମଣିପୁରର ଜିରିବାମରେ ଶାନ୍ତି ବଜାୟ ରଖିବା ପାଇଁ ମୋତେଇ ଏବଂ ହମାର ସମ୍ପ୍ରଦାୟ ମଧ୍ୟରେ ଏକ ଚୁକ୍ତି ହୋଇଥିବା ବେଳେ ଆଉ ଗୋଟିଏ ପଟେ ମୋତେଇ କଲୋନୀରେ ଗୁଳିମାଡ ହୋଇଛି । ସେହିପରି ଦୁର୍ବୃତ୍ତମାନେ ଲାଲପାନି ଗାଁରେ ଥିବା ଏକ ଘରେ ନିଆଁ ଲଗାଇ ଦେଇଛନ୍ତି । ମଣିପୁର ହିଂସା ପ୍ରଭାବିତ ଜିରିବମ ଜିଲ୍ଲାରେ ସ୍ଥିତି ସୁଧାରିବା ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ମୋତେଇ ଏବଂ ହମାର ସମ୍ପ୍ରଦାୟର ମଧ୍ୟରେ ଶାନ୍ତି ଚୁକ୍ତି ହୋଇଛି । ପ୍ରତିନିଧିମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ । ଗୁରୁବାର ଆସାମର କାଚର ସ୍ଥିତ ସିଆରପିଏଫ ସୁବିଧା କେନ୍ଦ୍ରରେ ଆୟୋଜିତ ଏକ ବୈଠକରେ ମୁହାଁମୁହିଁ ଠିଆ ହୋଇଥିବା ଉଭୟ ପକ୍ଷ ମଧ୍ୟରେ ଏକ ଚୁକ୍ତି ହୋଇଥିଲା । ତେବେ ଏହି ଚୁକ୍ତିନାମାର ୨୪ ଘଣ୍ଟା ମଧ୍ୟରେ ଜିରିବାମର ଲାଲପାନି ଗାଁରେ ହିଂସା ଘଟିଛି । ଶୁକ୍ରବାର ରାତିରେ ସଶସ୍ତ୍ର ଲୋକମାନେ ଗାଁର ଏକ ଘରେ ନିଆଁ ଲଗାଇ ଦେଇଛନ୍ତି । ଗାଁକୁ ଟାର୍ଗେଟ କରି ଅନେକ ରାଉଣ୍ଡ ଗୁଳି ମାଡ ମଧ୍ୟ ହୋଇଛି । ଏହି ଗାଁରେ ମୋତେଇ ସମ୍ପ୍ରଦାୟର କେତେକ ଖାଲି ଘର ରହିଛି । ଏହି ଘଟଣା ପରେ ସେଠାକୁ ସୁରକ୍ଷା ବାହିନୀକୁ ପଠାଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ ଦୁର୍ବୃତ୍ତମାନେ ଅଗ୍ନିକାଣ୍ଡ ଘଟାଇ ଏହି ଅଞ୍ଚଳରେ ସୁରକ୍ଷା ଅଭାବର ସୁଯୋଗ ନେଇଥିଲେ । ତେବେ ଏହି ହିଂସାକାଣ୍ଡ ଘଟାଇଥିବା ଲୋକଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ ।

## ବନ୍ଦ କୋଠରୀରେ ବିଜେଡିର ସବୁ ସଦସ୍ୟ, ମିଳୁନି ଅମ୍ଳଜାନ: ସରୋଜ ପାଢ଼ୀ



ଭୁବନେଶ୍ୱର, ୩/୮ (ନି.ପ୍ର): ମମତା ମହାନ୍ତଙ୍କୁ ନେଇ ରାଜନୈତିକ ବୟାନବାଜି । ମମତାଙ୍କ ଯିବା ପଛରେ ବଡ଼ କାରବାର ହୋଇଥିବା କହିଛି ବିଜେଡି । ମୋରଡ଼ାର ପୂର୍ବତନ ବିଧାୟକ ରାଜକିଶୋର ଦାସ କହିଛନ୍ତି, ମମତା ମହାନ୍ତ ସେମିତି ବଡ଼ ବ୍ୟକ୍ତିତ୍ୱର ଅଧିକାରୀ ନୁହଁନ୍ତି । ନା ସେ ତାଙ୍କ ସମ୍ପ୍ରଦାୟ ପାଇଁ ନା ଦଳ ପାଇଁ କାମ କଲେ । ୨୦୨୪ ନିର୍ବାଚନ ସମୟରେ ତାଙ୍କ କାର୍ଯ୍ୟକଳାପ ଠିକ୍ ନଥିଲା । ଯେଉଁଥିପାଇଁ ପାର୍ଟି ତାଙ୍କୁ ଦାୟିତ୍ୱ ଦେଇନଥିଲା । ବିଜେପିର ରାଜ୍ୟସଭାରେ ସଂଖ୍ୟା କମ୍ । ସେଥିପାଇଁ ବିଜେପି ସବୁ କ୍ଷମତାକୁ ପ୍ରୟୋଗ କରି ଜଣକ ପରେ ଜଣଙ୍କୁ ନେବା ପାଇଁ ଉଦ୍ୟମ କରୁଛି । ରାଜକିଶୋରଙ୍କ ଏହି ବୟାନ ପରେ ଏହାର ଜବାବ ରଖିଛି ବିଜେପି । ମମତା ଦଳରେ ମିଶିବା ନେଇ କୌଣସି ଡିଲ୍ ହୋଇନି । ବିଜେଡିର ସବୁ ସଦସ୍ୟ ଏବେ ବନ୍ଦ କୋଠରୀ ଭିତରେ ଅଛନ୍ତି । ଅମ୍ଳଜାନ ମିଳୁନି, ଅଣନିଶ୍ୱାସୀ ହୋଇଗଲେଣି । ନିଶ୍ୱାସ ନେବାକୁ ସେମାନେ ବନ୍ଦ କୋଠରୀ ବାହାରକୁ ଆସୁଛନ୍ତି । ଯେତେବେଳେ ବିଜେଡି ନେତା ଅନୁଭବ କରୁଛନ୍ତି ଯେ ବିଜେଡି ଦଳରେ ତାଙ୍କର ଆଉ ଭବିଷ୍ୟତ ନାହିଁ ସେମାନେ ▶▶ପୃଷ୍ଠା ୭

## ପଥର ବ୍ଲାଷ୍ଟିଂ ବେଳେ ଦାଦାଙ୍କ ମୃତ୍ୟୁ: ୨ ପୁତୁରା ମେଡିକାଲ୍‌ରେ


ଗଞ୍ଜାମ, ୩/୮ (ନି.ପ୍ର): ପାହାଡ଼ରେ ବ୍ଲାଷ୍ଟିଂ ବେଳେ ପଥରଖଣ୍ଡ ମାଡ଼ରେ ଦାଦାଙ୍କ ମୃତ୍ୟୁ ଘଟିଥିବା ଦୁଇ ପୁତୁରା ଗୁରୁତର ଆହତ ହୋଇଛନ୍ତି । ଆଜି ସକାଳେ ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ଆସିକା ଉପଖଣ୍ଡରେ ଘଟିଛି । ମୃତକ ଓ ଆହତଙ୍କ ଘର ତାମିଲ୍‌ନାଡୁରେ । ତାମିଲନାଡୁର କାଲାକୁଚି ଜିଲ୍ଲା ପାଶାର ଗାଁର ଗୋବିନ୍ଦ କାଇଲୁ ଓ ତାଙ୍କ ଦୁଇ ପୁତୁରା ଏ. କୁମାର ଏବଂ ଏ. ଜୟ ପ୍ରକାଶ ପାଣ୍ଡିଆପଥର ଗାଁରେ ଥିବା ପଥର କ୍ୱାରୀରେ କାମ ▶▶ପୃଷ୍ଠା ୭

# କେରଳରୁ ଆସିଲା ମୃତ୍ୟୁ ଭିତରେ ଆଶାର ଛବି : ୫ ଦିନ ପରେ ମାଟି ତଳୁ ଉଦ୍ଧାର ହେଲେ ୪ ଶିଶୁ



ନୂଆଦିଲ୍ଲୀ, ୩/୮ : କେରଳ ୱାୟନାଡ ଭୟଙ୍କର ଭୂସ୍ଖଳନର ୫ ଦିନ ପରେ ସେଠାରୁ ଆସିଛି ହୃଦୟବିଦାରକ ଦୃଶ୍ୟ, ଯାହା ଦେଖିଲେ କାହାରିବି ଆଖି ଓଦା ହୋଇଯିବ । ଯେଉଁଠି ପ୍ରକୃତିର କରାଳ ଗତି ଶହଶହ ଜୀବନ ନେଲା, ଆଉ କେତେ କାହିଁ ନିଖୋଜ ହୋଇଗଲେ, ସେଠାରୁ ଆସିଛି ମୃତ୍ୟୁ ଭିତରେ ଜୀବନର ଆଶାର କିଛି ଛବି । କଲପେଟ୍ଟା ରେଞ୍ଜର ବନାଧିକାରୀଙ୍କ ନେତୃତ୍ୱରେ ୪ ଜଣିଆ ରେସ୍କ୍ୟୁ ଟିମ୍ ବାହାରିଥିଲେ ୱାୟନାଡ ଅଭିମୁଖେ, ଉଦ୍ଧାର କାର୍ଯ୍ୟ ପାଇଁ । ରାସ୍ତା ଥିଲା ଭାରି ବିପଜ୍ଜନକ । ଘଞ୍ଚ ଜଙ୍ଗଲ ଭିତରେ ଖସଡା ପଥର । ହେଲେ କିଛି ଆଦିବାସୀ ପରିବାରକୁ ବଞ୍ଚାଇବାର ଥିଲା । ଏଥିପାଇଁ ନିଜ ଜୀବନକୁ ବାଜି ▶▶ପୃଷ୍ଠା ୭

# ନଷ୍ଟ ହେଲାଣି ମହାପ୍ରଭୁଙ୍କ ୧୦ ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳ !



ପୁରୀ, ୩/୮ (ନି.ପ୍ର): ୬ ମାସ ତଳେ ପ୍ରତି ଗାଁରୁ ସଂଗୃହୀତ ହୋଇଥିବା ହଜାର ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳର ସ୍ଥିତି କ'ଣ ଅଛି ? ଜଗନ୍ନାଥଙ୍କୁ ସେଥିରେ ଭୋଗ ଲାଗୁଛି ତ ? ଏବେ ପୁଣି ଥରେ ଉଠିଲାଣି ଏମିତି ପ୍ରଶ୍ନ । କାରଣ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଫା ସଫା ଶୁଣାଇଛି, ପୋକ ଖିଆ ଚାଉଳରେ ଠାକୁରଙ୍କୁ ଭୋଗ ଲାଗିବନି । ଆଉ ତଥ୍ୟ ନେବାରେ ଜଣାପଡିଛି ପ୍ରାୟ ୧୦ ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳର ଅବସ୍ଥା ଏମିତି । ଯାହାକୁ ନେଇ ଭକ୍ତ ଓ ସେବକଙ୍କ ଅସନ୍ତୋଷ । ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବ ପାଇଁ ସେତେବେଳର ବିଜେଡି ସରକାର, ସେଇ ମାସ ୬ରୁ ୧୬ ତାରିଖ ଯାଏଁ ସାରା ରାଜ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଜଗନ୍ନାଥ ପରିକ୍ରମା ରଥ ବୁଲାଇ ଲୋକଙ୍କଠୁ ସଂଗ୍ରହ କରିଥିଲେ ଅର୍ପଣ ଚାଉଳ । ପ୍ରତିଶ୍ରୁତି ଦେଇଥିଲେ ସେଥିରେ ଠାକୁରଙ୍କୁ ଭୋଗ ଲାଗିବ । ପ୍ରାୟ ୧୪ ହଜାର କ୍ୱିଣ୍ଟାଲ୍ ଚାଉଳ ରାଜ୍ୟର କୋଣ ଅନୁକୋଣରୁ ପୁରୀ ଆସିଥିଲା । ହେଲେ ଅରୁଆ-ଉଷୁନା ସହ ବାରମିଶା ଚାଉଳ ଥିବାରୁ ତାକୁ ନେଇ ଆପତ୍ତି ଉଠିଥିଲା । କିନ୍ତୁ ପରେ ସେଥିରୁ ପ୍ରାୟ ୪ ହଜାର କ୍ୱିଣ୍ଟାଲ୍ ଭଲ ଚାଉଳ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର-ମହାସୁଆର ନିଯୋଗକୁ ଦିଆଯାଇଥିଲା । ଯେଉଁଥିରେ ଖେଚୁଡ଼ି ଭୋଗ କରାଯାଇ ଭକ୍ତଙ୍କୁ ବଣ୍ଟାଯାଉଥିଲା । ଏବେ ମଧ୍ୟ ନିଯୋଗ ପାଖରେ ଆହୁରି ହଜାରେ କ୍ୱିଣ୍ଟାଲ ଚାଉଳ ଗଚ୍ଛିତ ଅଛି । ବାକି ୧୦ ହଜାର କ୍ୱିଣ୍ଟାଲ ଚାଉଳ ଗୁଣ୍ଡିଚା ଘର, ଅକ୍ଷୟ ପାତ୍ର ଫାଉଣ୍ଡେସନ ଓ ଯୋଗାଣ ବିଭାଗ ଗୋଦାମରେ ପଡ଼ି ପଡ଼ି ନଷ୍ଟ ହେବାକୁ ବସିଲାଣି । ଚାଉଳରେ ପୋକ ସାଲୁବାଲୁ ହେଲେଣି । ରହି ରହି ଗନ୍ଧେଇଲାଣି ବୋଲି ▶▶ପୃଷ୍ଠା ୭

# ରୋପଣ କଥା ଭୁଲିଯାଇ ଜଙ୍ଗଲରେ ଫିଙ୍ଗିଲେ ଟ୍ରିପ୍ ଟ୍ରିପ୍ ଚାରା ଗଛ: ଜଙ୍ଗଲ ସୁରକ୍ଷା ଓ ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ଉଠିଛି ବଡ଼ ପ୍ରଶ୍ନ

ହରିଚନ୍ଦନପୁର, ୩/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଓଗାଁ ରେଞ୍ଜ ଭଗାମୁଣ୍ଡା ଫରେଷ୍ଟ ଅଧିନସ୍ଥ କାଦକିଳା ଗ୍ରାମ ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପଡ଼ିରହିଛି ଟ୍ରିପ୍ ଟ୍ରିପ୍ ଚାରା ଗଛ, ଯାହାକୁ ନେଇ ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ଉଠିଛି ବଡ଼ ପ୍ରଶ୍ନ । ସୂଚନାଯୋଗ୍ୟ ଯେ, ଅଟେଇ ସଂରକ୍ଷିତ ଜଙ୍ଗଲରେ ୨୦୨୨/୨୩ ମସିହାରେ ରାଜସ୍ୱରୁ ବନୀକରଣ ପାଇଁ ଆସିଥିବା ଟ୍ରିପ୍ ଟ୍ରିପ୍ ଚାରା ଗଛ କାହା ସ୍ୱାର୍ଥରେ ଫିଙ୍ଗିବାକୁ ପଛେଇଲା ନାହିଁ ବନବିଭାଗ । ପ୍ରାୟତଃ ୩୦ ରୁ ୪୦ ଟ୍ରିପ ଅର୍ଥାତ ପାଖାପାଖି ୧୦,୦୦୦ରୁ ଅଧିକ ଚାରାଗଛ ଜଙ୍ଗଲ ମଧ୍ୟରେ ପଡି ନଷ୍ଟ ହୋଇଥିବା ଅଂଚଳବାସୀ ଦେଖିବାକୁ ପାଇ ଆମ ପ୍ରତିନିଧିଙ୍କୁ ଜଣାଇଥିଲେ । ଖବର ପାଇ ଜଙ୍ଗଲ ମଧ୍ୟରେ ପହଂଚି ଦେଖିବାକୁ ପାଇଥିଲେ ବିଭିନ୍ନ ସ୍ଥାନରେ ଟ୍ରିପ୍ ଟ୍ରିପ୍ ଚାରାଗଛ, ରୋପଣ କରାନଯାଇ ଗଦା ଗଦା କରି ନଷ୍ଟ କରିଦିଆଯାଇଛି । ଏନେଇ ଦେଓଗାଁ ଏସିଏଫଙ୍କ ପ୍ରତିକ୍ରିୟା ନେବାପାଇଁ ଆମ ପ୍ରତିନିଧି ଯାଇଥିଲେ, କିନ୍ତୁ ତାଙ୍କ ପୂର୍ବରୁ ଏମିତି ହୋଇଥିବା ନେଇ ସେ ସୂଚନା ଦେଇଥିଲେ । ବନବିଭାଗର ଏଭଳି କାର୍ଯ୍ୟ ଦେଖିବା ପରେ ପ୍ରତି ବର୍ଷ ଚାରାରୋପଣ ନାମରେ ଆସୁଥିବା କୋଟି କୋଟି ରାଜସ୍ୱ ଅର୍ଥର କିପରି ହରିଲୁଟ ହେଉଛି ତାହା ଏହି ଚାରା ଗଛକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି । ଯଦି ଏହି ଜଙ୍ଗଲରେ ଏମିତି ଦେଖିବାକୁ ମିଳୁଛି ତେବେ ଅନ୍ୟ ଜଙ୍ଗଲରେ ରୋପଣ ନାମରେ କ'ଣ ହୋଇଥିବ ତାହା ଏହାକୁ ଦେଖିଲେ ବେଶ୍ ଜଣାପଡୁଛି ।

ଏଠାରେ ପ୍ରଶ୍ନ ଉଠେ କି, ରାଜ୍ୟ ସରକାର ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ବନବିଭାଗକୁ ବନୀକରଣ ଓ ଚାରାଗଛ ପ୍ରସ୍ତୁତି ଠାରୁ ଆରମ୍ଭ କରି ଗଛ ବଢିବା ଯାଏଁ କୋଟି କୋଟି ଟଙ୍କା ରାଜସ୍ୱ ଅର୍ଥ ପ୍ରତିବର୍ଷ ବ୍ୟୟ ବରାଦ କରୁଛନ୍ତି । ହେଲେ ଚାରା ଗଛ ରୋପଣ ନକରି ଏଭଳି ନଷ୍ଟ କରି ଦେଉଛନ୍ତି ଏବଂ ମିଛ ବିଲ ପାସ୍ କରି ବନବିଭାଗର କର୍ମଚାରୀ ମାନେ ମାଲେ ମାଲ୍ ହେଉଛନ୍ତି । ତେବେ ତୁରନ୍ତ ଏହି ମହା ଦୁର୍ନୀତିର ତଦନ୍ତ ଆବଶ୍ୟକ ରହିଥିଲେ ହେଁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ବି ବନବିଭାଗ ଚୁପ୍ ରହୁଥିବାରୁ ସାଧାରଣରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି । ବନବିଭାଗର ଖାମଖିଆଲି ମନୋଭାବ ନା ହରିଲୁଟ କରିବାର ସହଜ ବାଟ ବନବିଭାଗ ବାଛି ନେଇଛି ତାହାକୁ ନେଇ ଜନସାଧାରଣରେ ବେଶ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଏନେଇ ଆନନ୍ଦପୁର ଡିଏଫଓଙ୍କୁ ଫୋନ୍ ଯୋଗେ ପଚାରିବାରୁ ତାଙ୍କ ପାଖରେ ଏହାର କୌଣସି ଉତର ମିଳିନଥିବା ବେଳେ ତତ୍ପରତା ମଧ୍ୟ ଦେଖିବାକୁ ମିଳିନଥିଲା । ଗୋଟିଏପଟେ ହରିଚନ୍ଦନପୁର ଓ ଭଗାମୁଣ୍ଡା ବନବିଭାଗ କାର୍ଯ୍ୟାଳୟରେ ଦୀର୍ଘଦିନ ହେଲା ବନପାଳ ପଦବୀ ଫାଙ୍କା ଥିବା ବେଳେ କାଠ ମାଫିଆଙ୍କର ମଧ୍ୟ ପାର୍ଦୃଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଦିନ ଦ୍ୱିପହରେ ଅଟେଇ ସଂରକ୍ଷିତ ଜଙ୍ଗଲରୁ କାଠ ମାଫିଆମାନେ ବେଧଡ଼କ ଭାବେ ଲକ୍ଷାଧିକ ମୂଲ୍ୟବାନ ଦାମୀ ଗଛ କାଟି ଗାଡ଼ି ଯୋଗେ ନେଉଥିବାର ବାରମ୍ବାର ଦେଖିବାକୁ ମିଳୁଛି । ଏପଟେ ରୋପଣ ନାମରେ ମହା ଦୁର୍ନୀତି କଥା ଲୋକ ଲୋଚନକୁ ଆସୁଥିବା ବେଳେ ଅନ୍ୟପଟେ କାଠ ମାଫିଆଙ୍କ ସହ ବିଭାଗର ମଧୁଚନ୍ଦ୍ରିକା ଦାଣ୍ଡରେ ପଡି ହାଟରେ ଗଡୁଥିବା ନଜରକୁ ଆସୁଛି । ଏଥିପ୍ରତି ରାଜ୍ୟସ୍ତରୀୟ ବନବିଭାଗ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ସଠିକ୍ ତଦନ୍ତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଠାକାର ଅଂଚଳବାସୀ ଦାବି କରିଛନ୍ତି ।

# ଆଧାର କାର୍ଡ ଅପଡେସନ ସମସ୍ତଙ୍କ ପାଇଁ ଜରୁରୀ

ପୁରୀ, ୩/୦୮ (ନି.ପ୍ର): ଆଧାର କାର୍ଡ଼ର ଅଦ୍ୟତନ ବା ଅପେଡସନ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ୧୦ ବର୍ଷ ଅନ୍ତରେର ଆଧାର ଅପଡେସନ ହେବା ଆବଶ୍ୟକ। ତେବେ ୫ ରୁ ୭ ବର୍ଷ ଏବଂ ୧୫ ରୁ ୧୭ ବର୍ଷ ପର୍ଯ୍ୟନ୍ତ ଅପଡେସନ ବିନା ମୂଲ୍ୟ ରେ ହେଉଥିବା ବେଳ ଅନ୍ୟ ମାନଙ୍କ କ୍ଷେତ୍ରରେ ୧୦୦ ଟଙ୍କା ଦେୟ ଦେବାକୁ ପଡିବ। ତେଣୁ ପୁରୀ ଜିଲ୍ଲାରେ ବ୍ୟାପକ ସେଚତନତା ମାଧ୍ୟମରେ ଏହାକୁ ସଫଳ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପରାମର୍ଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପ୍ରକୋଷ୍ଠର ଆଧାର କାର୍ଡ ଅପଡେସନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯେହେତୁ ବ୍ୟାଙ୍କ ଆକାଉଂଟ ଖୋଲିବା, ରାସନ ସାମଗ୍ରୀ ନେବା, ଉଚ୍ଚ ଶିକ୍ଷା, ଛାତ୍ର ବୃତି ପାଇବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଯ୍ୟର୍ରେ ଆଧାର କାର୍ଡ ର ବ୍ୟାପକ ବ୍ୟବହାର ହେଉଛି ଓ ଜନ ସାଧାରଣଙ୍କ ସୁରକ୍ଷା ପାଇଁ ଏହାକୁ ଗୁରୁତ୍ୱ ଦିଆଯାଉଛି, ତେଣୁ ବ୍ୟାପକ ଜାଗରଣ ମାଧ୍ୟମେର ଲୋକଙ୍କୁ ଅବଗତ କରାଇବାକୁ ସେ ମତ ଦେଇଥିଲେ। ବିସ୍ତୃତ ସୂଚନା ଦେଇ ୟୁଆଇଡିଏଆଇର ସହକାରୀ ମ୍ୟାନେଜର ତଥା ରାଜ୍ୟ ପ୍ରତିନିଧି ସୌମ୍ୟରଞ୍ଜନ ସିଂ ପ୍ରାୟ ସମସ୍ତ ସରକାରୀ ଯୋଜନାର ଲାଭ ଗୋଟିଏ ରାଷ୍ଟ୍ର ଗୋଟିଏ ରାସନ କାର୍ଡର ସୁବିଧା, ଋଣ ଅବୋଦନ ବ୍ୟାଙ୍କ ଦ୍ୱାରା ଶିଘ୍ର ପ୍ରକ୍ରିୟାକରଣ, ଇନକମ ଟ୍ୟାକ୍ସ ରିଟର୍ଣ୍ଣିଂ ସହାୟତା ପାଇଁ ଆଧାର ଅପଡେସନ ସହ ମୋବାଇଲ ସଂଯୋଗର ଆବଶ୍ୟକତା ରହିଛି ବୋଲି ସୂଚନା ଦେଇଥିଲେ। ନିୟମ ଅନୁସାରେ ପ୍ରତି ୧୦ ବର୍ଷରେ ଓ ପିଲାମାନଙ୍କ କ୍ଷେତ୍ରେର ୫ ରୁ ୭ ଓ ୧୫ ରୁ ୧୭ ବର୍ଷ ମଧ୍ୟେର ଏହା ଅପେଡସନ ହେବା ଜରୁରୀ। ଅନଲାଇନରେ ଅପଡେସନ କରାଯାଇପାରିବ। ଅଫଲାଇନରେ ପୋଷ୍ଟ ଅଫିସ, ବ୍ଲକ, ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ମଧ୍ୟ ଏହା କରାଯାଉଛି ବୋଲି ଜିଲ୍ଲା ଇ ଗଭର୍ଣ୍ଣାନ୍ସ ମ୍ୟାନେଜର ପିୟୁଷ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟେର ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପୋଲିସ ଡିଏସପି ତପନ କୁମାର ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା,ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର ଓ ଡାକ ବିଭାଗ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ୍ ପକ୍ଷରୁ ଅରୁଣ ଦେଙ୍କ ତୃତୀୟ ଶ୍ରାଦ୍ଧ ଦିବସ ପାଳିତ




ବାଲେଶ୍ୱର, ୩/୦୮ (ନି.ପ୍ର): ବାଲେଶ୍ୱର ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ ର ପୂର୍ବତନ ବିଧାୟକ ତଥା ଆସୋସିଏସନ୍ ର ଆଜୀବନ ସଭାପତି ସ୍ୱର୍ଗତ ଅରୁଣ ଦେ ଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ବାଲେଶ୍ୱର ଷ୍ଟେସନ କ୍ଲବ ରେ ପାଳିତ ହୋଇଯାଇଛି ଆସୋସିଏସନ୍ ର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ (କୁନକା ଭାଇ) ପୌରହିତ୍ୟ କରିଥିଲେ । ଏହି ଶ୍ରାଦ୍ଧ ବାର୍ଷିକୀ ରେ ସରକାରୀ ଦଳର ଉପମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ , ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ସୌମ୍ୟ ରଞ୍ଜନ ଯାଦବ, ସାମ୍ବାଦିକ ବିପ୍ଳବ ମହାନ୍ତି , ସାମ୍ବାଦିକ ରଞ୍ଜନ ବାଗ , ଆଇନଜୀବୀ ମନୋଜ ନାୟକ , କୃଷକ ନେତା ଅରୁଣ ଜେନା , ସରୋଜ ବର୍ଦ୍ଧନ ଓ୍ୱାଲା , ତପନ ଚକ୍ରବର୍ତ୍ତୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଅରୁଣ ଦେ ଙ୍କ ଜୀବନୀ ଓ ଜନସେବା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ଏପରିକି ଦିଲୀପ ମହାନ୍ତି, ମନୋରଞ୍ଜନ ସାହୁ , ରାଜେନ୍ଦ୍ର ପ୍ରସାଦ ମୋର , ଅନିଲ ଶର୍ମା , ପ୍ରୀୟବର୍ତ ସାହୁ , ମାୟାଧର ପଣ୍ଡା ଓ ବହୁ ଗୁଣି ଜ୍ଞାନୀ ଲୋକ ଯୋଗ ଦେଇ ଅରୁଣ ଦେ ଙ୍କ ସ୍ମୃତି ଚାରଣ କରିଥିଲେ।

# ଉଡାନର ସ୍ୱାଗତ ସମାରୋହ - ୨୦୨୪ ଆୟୋଜିତ

ବଲାଙ୍ଗିର, ୩/୦୮ (ନି.ପ୍ର): ସ୍ଥାନୀୟ ିପି ଏକାଡେମୀଠାରେ ରୋଟାରୀ ଏଲିଟ ତରଫରୁ ନବମ ଛାତ୍ରୀଙ୍କ 'ଉଡାନ ସ୍ୱାଗତ ସମାରୋହ - ୨୦୨୪' ଗତକାଲ ଅଗଷ୍ଟ ୦୧ ତାରିଖ ଦିନ ଆୟୋଜିତ ହୋଇଥିଲା ଏହି ସଭାରେ ମୁଖ୍ୟଅତିଥି ଭାବରେ ପ୍ରଫେସର ମଧୁସୂଦନ ପତି ଯୋଗଦେଇ ଛାତ୍ରୀଙ୍କୁ ଚରିତ୍ର ନିର୍ମାଣର ଆବଶ୍ୟକତା କେତେ ବୁଝାଇଥିଲେ । ସମାଜରେ ଉଡାନ ଏକ ସେତୁର କାର୍ଯ୍ୟକରୁଛି ବୋଲି କହିଥିଲେ । ଉଡାନରୁ ଗ୍ରହଣ କରିଥିବା ଶିକ୍ଷାକୁ ପୁଣି ସମାଜକୁ ଦେବାପାଇଁ ପ୍ରସ୍ତୁତ ହେବାକୁ ଉଡାନ ଛାତ୍ରୀମାନଙ୍କୁ କହିଥିଲେ । ଅନ୍ୟତମ ଅତିଥି ତଥା ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଯୋଶୀ ଛାତ୍ରୀମାନଙ୍କୁ ଉଡାନରେ ଯେଉଁ ସୁବିଧା ଓ ସୁଯୋଗ ଲାଭ କରୁଛ ତାହା ଆୟୋଜକଙ୍କ ପ୍ରଚେଷ୍ଟା । କିନ୍ତୁ ତୁମର ଗୁରୁଦାୟିତ୍ୱ ହେଲା ପରିଶ୍ରମ କରି ନିଜକୁ ସଫଳ କରିବା । ଉଡାନରେ ନିଜକୁ ନିୟୋଜିତକରି ଶିକ୍ଷକ ଓ ଆୟୋଜକମାନେ ଉଡାନ ଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ସହିତ ନିଜର ମଧ୍ୟ ମଙ୍ଗଳ କରୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅତିଥି ଭାବରେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ନବୀନ ନାୟକ କଠିନ ପରିଶ୍ରମ ହିଁ ସଫଳତାର ଏକମାତ୍ର ମାର୍ଗ ବୋଲି କହିଥିଲେ । ରୋଟାରି ଏଲିଟର ସଭାପତି ଅର୍ଚ୍ଚନା ଶତଥୀ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ କହିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଉଡାନ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ୪୧ ଜଣ ନବମ ଶ୍ରେଣୀର ଉଡାନ ଛାତ୍ରୀଙ୍କୁ ନୂତନ ବ୍ୟାଗ ପ୍ରଦାନକରି ଉଡାନକୁ ସ୍ୱାଗତ କରିଥିଲେ । ଏହି ବର୍ଷ ଉଡାନରେ ସରକାରୀ ବାଳିକା ବିଦ୍ୟାଳୟ, ଟାଉନ ବାଳିକା ବିଦ୍ୟାଳୟ, ଓ ନବଜୀବନ ବିଦ୍ୟାପୀଠର ଛାତ୍ରୀଙ୍କୁ ସାମିଲ କରାହୋଇଛି । ଏହି ସଭାରେ ଉଡାନ ଛାତ୍ରୀଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ । ଉଡାନ ଦଶମ ଶ୍ରେଣୀ ଛାତ୍ରୀମାନେ ଉପସ୍ଥିତରହି ନୂତନ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ରୋଟାରି ଏଲିଟର ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ନନ୍ଦ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଟିଏ ରାତିର ଦୁଇଟି ମନ୍ଦିରରୁ ଚୋରି

ଗଂଜାମ, ୩/୦୮ (ନି.ପ୍ର): ଗତକାଲି ରାତରେ ସୋରଡା ଅଂଚଳେର ଦୁଇଟି ଶିବମନ୍ଦିରରୁ ଚୋରୀ ହୋଇଥିବା ଜଣାପଡ଼ିଛି । ବୃଦ୍ଧ ଲିଂଗେଶ୍ୱର ମନ୍ଦିରର ଦୁଇଟି ହୁଣ୍ଡି ଭାଂଗି ଟଙ୍କା ଲୁଟି ନେଇଥିବା ବେଳ ପୁଡଚୁଗେଶ୍ୱର ମନ୍ଦିରରୁ ମଧ୍ୟ ଦୁର୍ବୃତମାନେ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଉଭୟ ମନ୍ଦିର ପରିଚାଳନା କମିଟିର ଅଭିଯୋଗ କ୍ରେମ ସୋରଡା ପୋଲିସ ଘଟଣାସ୍ଥଳେର ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସୋରଡା ଅଂଚଳରେ ବହୁବାର ମନ୍ଦିର ଗୁଡିକରୁ ଚୋରୀ ହେଉଥିବା ଅଭିଯୋଗ ହେଉଛି।

# ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ : ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ ଓ ମା' ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

ଘଟଗାଁ, ୩/୦୮ (ନି.ପ୍ର): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରସୁତୀ ମହିଳା ଓ ଶିଶୁ ବିଭାଗରେ ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ବେଳେ ମା ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି । ସୂଚନାରୁ ଜଣାଯାଏ ଆନନ୍ଦ ପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦିନ ଧରୀ ସମସ୍ୟା ଘେରରେ ରୋଗୀ ମାନେ ହନ୍ତସନ୍ତ ହେଉଥିବା ବେଳେ ବୁଧବାର ଦିନ ମାତୃ ଓ ଶିଶୁ ବିଭାଗ କୁ ଅତାସାହିପାଟଣା ଗ୍ରାମର ଅଜୟ ପୃଷ୍ଟି ଙ୍କ ପତ୍ନୀ ରଶ୍ମିତା ପୃଷ୍ଟି (୨୮) ପ୍ରସ୍ତୁତୀ ମହିଳା ବୁଧବାର ପ୍ରସବ ପାଇଁ ମାତୃ ଓ ଶିଶୁ ବିଭାଗରେ ଆଡ଼ମିସନ ହୋଇ ଥିବା ବେଳେ ଶୁକ୍ରବାର ଏକ ମୃତ ପୁଅ ଜନ୍ମ ଦେଇଥିଲେ ପରେ ମାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏପରି ଘଟଣା ଚିକିତ୍ସା ଅବହେଳା ରୁ ଶିଶୁ ଟିର ମୃତ୍ୟୁ ଘଟିଥିବା ସ୍ୱାମୀ ଅଜୟ ପୃଷ୍ଟି ଅଭିଯୋଗ କରିଛନ୍ତି । ସୂଚନାରୁ ପ୍ରକାଶ ରଶ୍ମିତା ପୃଷ୍ଟି ଙ୍କ ସ୍ୱାସ୍ଥ୍ୟ ଠିକ୍ ଥିଲା ପ୍ରତିମାସ ଚେକିଙ୍ଗ କରିବା ସହିତ ଡାକ୍ତରି ମଇନା କରାଯାଇଥିଲା ଏପରିରିକି ଗୁରୁବାର ରାତି ଯାଏ ପେଟରେ ଛୁଆ ଠିକ୍ ଥିବା ପରିବାର ଲୋକ କରୁଥିବା ବେଳେ ଶୁକ୍ରବାର ସକାଳୁ ନର୍ମାଲ ଡେଲିଭେରୀ ହେବାପରେ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏଥିସହିତ ପ୍ରସୂତି ମହିଳା ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ୪ଟି ରକ୍ତ ଦେବାକୁ ପଡିଥିଲା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି । ଛୁଆର ଓଜନ ୩କେଜି ପାଖାପାଖି ଥିବା ବେଳେ ପୂର୍ବରୁ ଏକ ଛୁଆ ବିନା ଅସ୍ତ୍ରୋପଚାର ରେ ଜନ୍ମ ହୋଇଥିଲା ଏଇ ପାଇଁ ଏଥର ସାଧାରଣ ଡେଲିଭରିକୁ ଅପେକ୍ଷା କରିବାକୁ ଡାକ୍ତର ଓ କର୍ମଚାରୀମାନେ କହିଥିଲେ ହେଲେ ସବୁକିଛି ଠିକ୍ ଥିବା ବେଳେ ପ୍ରସବ ପରେ ହଠାତ୍ କିପରି ଶିଶୁଟିର ମୃତ୍ୟୁ ଘଟିଲା ଏହା ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଯଦି ଅପରେସନ ଦରକାର ଥିଲା ତେବେ ସଂପୃକ୍ତ ଡାକ୍ତର ପରାମର୍ଶ ଦେଲେ ନାହିଁ କାହିଁକି ବୋଲି ସ୍ୱାମୀ ଅଜୟ ପ୍ରଶ୍ନ କରିଛନ୍ତି । ସରକାର ମହିଳା ଓ ଶିଶୁ ମାନଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ କରୁଥିବାର ଡେଙ୍ଗୁରା ପିଟୁଥିବା ବେଳେ ଏହା ପ୍ରକୃତରେ ଓଲଟା ହେଉଥିବା ଦେଖିବାକୁ ମିଳିଛି । ଗରିବ ଲୋକ ମାନେ ଅଧିକାଂଶ ସମୟରେ ଏହି ଭଳି ଚିକିତ୍ସା ଅବହେଳାରୁ ଜୀବନ ଚାଲିଯାଉଥିବା ଅଭିଯୋଗ ହେଉଛି । ହେଲେ ଠିକ୍ ଭାବରେ ତଦନ୍ତ ହେଉନଥିବାରୁ ଅନେକ କଥା ଲୋକଲୋଚନକୁ ଆସିପାରୁନାହିଁ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଚାଲିଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ନବଜାତ ଶିଶୁମୃତ୍ୟୁ ର ତଦନ୍ତ କରି ପ୍ରକୃତ ସତ୍ୟତା ସମ୍ପର୍କରେ ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

# ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗରେ ଶିକ୍ଷକ ଗିରଫ

ମାଲକାନଗିରି, ୩/୦୮ (ନି.ପ୍ର):ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ଏକ କନ୍ୟା ଆଶ୍ରମ ଛାତ୍ରୀନିବାସରେ ଘଟିଛି ଏକ ଜଘନ୍ୟ କାଣ୍ଡ। ଏଠାରେ ଜଣେ ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗରେ ବନ୍ଧା ହେଲେ ଗଣିତ ଶିକ୍ଷକ। ସୂଚନା ଅନୁଯାୟୀ, ଗତକାଲି ରାତି ୧୨ଟାରେ ଅଭିଯୁକ୍ତ ଶିକ୍ଷକ ଦୀପକ ନାୟକ ନିଜ ରୁମ୍‌କୁ ଡ଼ାକିନେଇ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିଲେ।ଏହା ଜାଣିବା ପରେ ଅନ୍ୟ ଛାତ୍ରୀ ମାନେ ଏକତ୍ରିତ ହୋଇ ଶିକ୍ଷକ ଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିବା ଜଣାପଡିଛି। ଏ ସମ୍ପର୍କ ରେ କନ୍ୟାଶ୍ରମ ପକ୍ଷରୁ କାଲିମେଳା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣା ସ୍ଥଳକୁ ଯାଇ ଅଭିଯୁକ୍ତ ଶିକ୍ଷକ ଙ୍କୁ ଗିରଫ କରି ଥାନାକୁ ଆଣି ତଦନ୍ତ ଚଳାଇଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, ୩/୦୮ (ନି.ପ୍ର): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ଜିଲ୍ଲା ପ୍ରଶାସନ ପକ୍ଷ ରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ସଚିନ ପାୱାର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ବେଦବର ପ୍ରଧାନ, ଉପ ଜିଲ୍ଲାପାଳ, ଦୂର୍ଯୋଧନ ଭୋଇ, ସିଡ଼ିଏମଓ, ଡ଼ା ଧନେଶ୍ୱର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପୌର ପରିଷଦ ନିର୍ବାହୀ ଅଧିକାରୀ, ରାଜେନ୍ଦ୍ର ଖରା ଓ ତହସିଲଦାର, ଲଳିତ ବାଘ, ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ଅଧାପକ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ର ନିଷ୍ପତି ଅନୁଯାୟୀ ଚଳିତ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ସ୍ଥାନୀୟ ଡିଏନକେ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏହି ଦିବସ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ମାଲକାନଗିରି ସଦର ମହକୁମାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯିବ। ସେହିପରି ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦି ରେ ଅନୁଷ୍ଠାନ ର ମୁଖ୍ୟ ଙ୍କ ଦ୍ୱାରା ସକାଳ ୭:୩୦ ସମୟ ରେ ଜାତୀୟ ପତାକା ଉତୋଳନ କରାଯିବ, ବରପୁତ୍ର ମାନଂକ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ଏବଂ ସକାଳ ୯:୧୫ ସମୟ ରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଅଗଷ୍ଟ ୧୧,୧୨ ତାରିଖ ଦିନ ୩ଟା ରେ ଏବଂ ୧୩ ତାରିଖ ପୂର୍ବାହ୍ନ ୮ଟାରେ ଡିଏନକେ ଖେଳ ପଡ଼ିଆ ଠାରେ ପ୍ୟାରେଡ ଅଭ୍ୟାସ କରାଯିବ। ଏହି ଦିବସ ଅବସର ରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ମାନ ମଧ୍ୟ ଆୟୋଜିତ ହେବ । ସେହିପରି ବୈଠକ ରେ କାର୍ଯ୍ୟକ୍ରମ ର ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ପ୍ୟାରେଡ ପଡ଼ିଆ ରେ ସଫେଇ, ବାରିକେଡିଂ , ସାଜସଜ୍ଜା, ପାନୀୟ ଜଳ ଯୋଗାଣ, ମୋବାଇଲ ଟଏଲେଟ୍ ବ୍ୟବସ୍ଥା, ଅସ୍ଥାୟୀ ଟଏଲେଟ୍, ଆମ୍ବୁଲାନ୍ସ ତଥା ଆଶୁ ଚିକିତ୍ସା ବ୍ୟବସ୍ଥା, ବିଦ୍ୟୁତିକରଣ , ଡାକ୍ତରଖାନା ତଥା ଅନ୍ୟାନ୍ୟ ସ୍ଥାନ ରେ ଫଳ ଓ ମିଷ୍ଟାନ ବଂଟନ ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ଏହି ସବୁ କାର୍ଯ୍ୟ ସମାପନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ କାର୍ଯ୍ୟକ୍ରମ କୁ ସଫଳତା ର ସହ ସମ୍ପାଦନ କରିବାକୁ ଜିଲ୍ଲାପାଳ ଶ୍ରୀ ପାୱାର ସମସ୍ତ ଙ୍କ ସହଯୋଗ କାମନା କରିଥିଲେ।

# ଜବର ଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବାକୁ ଦାବି

କେନ୍ଦ୍ରାପଡ଼ା, ୩/୦୮ (ନି.ପ୍ର): କେନ୍ଦ୍ରାପଡା ଡେରାବିଶ ବ୍ଲକ ଅନ୍ତର୍ଗତ ଗୁଆଲସିଂହ ଓ କୁଶିଆପାଳ ଗ୍ରାମର ଉଭୟପାର୍ଶ୍ୱ ରାସ୍ତାରେ କିଛି ବ୍ୟକ୍ତି ଜବର ଦଖଲ କରି ରାସ୍ତା ଉପରେ ଗୃହ ନିର୍ମାଣ କରିଛନ୍ତି। ଏହାକୁ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପୂର୍ତ ବିଭାଗ ଡିଭିଜନ -୨ ଅଧିନରେ ଥିବା ଏହି ରାସ୍ତା କଲେଜ ଛକ ଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ଉନ୍ନତି କରଣ ପାଇଁ କାର୍ଯ୍ୟ ଚାଲୁ ରହିଛି। ଏହାର ଉଭୟ ପାର୍ଶ୍ୱରେ ଜବର ଦଖଲ ଥିବାରୁ ଯାତାୟତ ରେ ଜନ ସାଧାରଣ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏହି ଜବର ଦଖଲ ଉଚ୍ଛେଦ କରିବା ପାଇଁ ଭୋଳା ଶଙ୍କର ସାହୁ, ସେକ ମନୋବର ଅଲ୍ଲୀ, ସେକ ଇବ୍ରାହିମ୍, ସୁମନ୍ତ ସାହୁ, ହରି ସାହୁ, ପ୍ରଭାତ କୁମାର ଘୋଷ ପ୍ରମୁଖ ଦାବି କରିଛନ୍ତି।


## OFFICE OF THE PANCHAYAT SAMITI, OUPADA, DIST- BALASORE

e-Mail: ori-oupada@nic.in

INVITATION FOR BIDS THROUGH e-Procurement

Bid Identification No.01/2024-25

Invitation for Bids

| | | |
|---|---|---|
| 1 | The Block Development Officer Oupada , Balasore on behalf of Governor Of Odisha ,invites percentage rate of bids in single cover system in ONLINE mode only, for Construction of Building work as details below. | |
| 2 | Nature of Work | Civil Works |
| 3 | No. of work | 03 Nos. |
| 4 | Bid Cost | 6000/- |
| 5 | Class of Contractor | "C"& "D" |
| 6 | Availability of Bid Documents in the website | From 10.AM of 01.08.2024 to 17.08.2024 |
| 7 | Date of Opening of Bid | Dt.20.08.2024 at 11: AM |
| 8 | The Bidders have to participate in ONLINE bidding only. Further details can be seen from the Website:https://tenderodisha.gov.in.Any addendum/Corrigendum /Cancellation of tender can also be seen in the said website only | |

Block Development officer,
Oupada

OIPR: 19139/11/0001/2425


# ଭରତପୁର ପ୍ରାଥମିକ ବିଦ୍ୟାଳୟ ମରାମତିରେ ମହାଦୁର୍ନୀତି: ଲକ୍ଷାଧିକ ଟଙ୍କାର ହରିଲୁଟ ହୋଇଥିବା ଅଭିଯୋଗ

କେନ୍ଦ୍ରାପଡ଼ା, ୩/୦୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପ ାୟତର ଭରତପୁର ପ୍ରାଥମିକ ବିଦ୍ୟାଳୟ ମରାମତିରେ ମହାଦୁର୍ନୀତି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଭରତପୁର ପ୍ରାଥମିକ ବିଦ୍ୟାଳୟ ମରାମତି ପାଇଁ ଗତ ୭.୭. ୨୦୨୩ରିଖରେ କେନ୍ଦ୍ରାପଡା ବ୍ଲକର କନିଷ୍ଠ ଯନ୍ତ୍ରୀ ସ୍ୱରୂପ କୁମାର ଦାଶଙ୍କ ନାମରେ ୩ଲକ୍ଷ ୫୦ହଜାର ଟଙ୍କାର କାର୍ଯ୍ୟାଦେଶ କେନ୍ଦ୍ରାପଡା ବିଡିଓ ପ୍ରଦାନ କରିଛନ୍ତି। କିନ୍ତୁ ଭରତପୁର ପ୍ରାଥମିକ ବିଦ୍ୟାଳୟ ମରାମତି କରାଯିବା ନାମରେ କେବଳ ପୁରୁଣା ଶ୍ରେଣୀଗୃହର ବାହାର ପାର୍ଶ୍ୱ କାନ୍ଥର ପ୍ଲାଷ୍ଟରକୁ ଛଡାଇ ନିମ୍ନମାନର ପ୍ଲାଷ୍ଟର କରାଯିବା ସହ ନିମ୍ନମାନର ରଙ୍ଗ ବୋଳି ଦିଆଯାଇଛି। ସଂପୃକ୍ତ କନିଷ୍ଠଯନ୍ତ୍ରୀ ବିଲରେ ଦର୍ଶାଇଥିବା କବାଟ ମରାମତି, ଆସବାବପତ୍ର ସ୍ଥାନାନ୍ତର, ବିଦ୍ୟାଳୟର ଫାଉଣ୍ଡେସନରେ ବାଲି ର୍ଭ କରିବା, କବାଟ ଝରକା ଭାଙ୍ଗି କାଢି ଦେବା, ସିମେ ଙ୍କ୍ରିଟର ବ୍ୟବହାର ହୋଇଥିବା, ଇଟା ବ୍ୟବହୃତ ହୋଇଥିବା, ଡିସଟେମ୍ପର ମରାଯାଇଥିବା, ପୁରୁଣା କାଠ ଓ ଲୁହାରେ ରଙ୍ଗ ଦିଆଯିବା ପ୍ରଭୃତି କାର୍ଯ୍ୟ ହୋଇଥିବା ଉଲ୍ଲେଖ କରାଯାଇଥିବା ବେଳେ ପ୍ରକୃତରେ ସେଭଳି କାର୍ଯ୍ୟ ହୋଇନଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ ହେମନ୍ତ କୁମାର ବିଶ୍ୱାଳ ବାଲି, ମେ ାଲ, ଚିପ୍ସ, ଓ ଇଟା ଯୋଗାଇ ଦେଇ ଡିପାର୍ଟମେ ାଲି ଜେ.ଇ.ଙ୍କ ଠାରୁ ୬୭ହଜାର ୬୮୧ଟଙ୍କା ବୁଝି ନେଇଥିବା ଏକ ରସିଦ ଲେଖି ଦେଇଛନ୍ତି। ପ୍ରକୃତରେ ଏସବୁର ବ୍ୟବହାର ଏଭଳି ପରିମାଣରେ ହୋଇନଥିବା ଅଭିଯୋଗ ହୋଇଛି। ଅନ୍ୟ ଏକ ଆଶ୍ଚର୍ଯ୍ୟର କଥା ହେଉଛି ସେହି ହେମନ୍ତ କୁମାର ବିଶ୍ୱାଳ ଆସବାବପତ୍ର ସ୍ଥାନାନ୍ତରଣ ଓ କବାଟ ମରାମତିକୁ ଯୋଗାଇଦେଇ ଡିପାର୍ଟମେଂଟାଲି ଜେ.ଇ.ଙ୍କ ଠାରୁ ୧୨ହଜାର ୨ଶହ ଟଙ୍କା ବୁଝି ନେଇଥିବା ଅନ୍ୟ ଏକ ରସିଦ ରହିଛି। ଏଥିରୁ ଏହି ପ୍ରକଳ୍ପରେ କେତେ ପରିମାଣର ଦୁର୍ନିତୀ ହୋଇଛି ତାହା ସ୍ପଷ୍ଟ ଜଣାପଡୁଛି। ଅନ୍ୟଏକ ଇନଭଏସରେ ସିମେଂଟ୍, ଏନାମେଲ ପେଂଟ୍, ଓ୍ୱାଲ ପ୍ରାଇମର, ଡିସଟେମ୍ପର, ଓ୍ୱେଦର କୋଟ୍, ଫାଇବର ଡୋର, ସେରାମିକ ଓ୍ୱାଲ ଟାଇଲ ଓ ସେରାମିକ ଫ୍ଲୋର ଟାଇଲ୍ ପ୍ରଭୃତି ୬୯ହଜାର ୨୫୮ଟଙ୍କାର ସାମଗ୍ରୀ ବଳଭଦ୍ରପୁରର ମେସର୍ସ ଆର.କେ. ସପ୍ଲାଏ ଏଜେନ୍ସୀରୁ କିଣାଯାଇଥିବା ବେଳେ ଏସବୁ ସାମଗ୍ରୀକୁ ହେମନ୍ତ କୁମାର ବିଶ୍ୱାଳ ସଂପୃକ୍ତ ସଂସ୍ଥା ଠାରୁ ଡିପାର୍ଟମେ ାଲୀ ଜେ.ଇ.ଙ୍କ ପାଇଁ ଗ୍ରହଣ କରିଥିବା ଦର୍ଶାଯାଇଛି। ଏକାବ୍ୟକ୍ତି ଡିପାର୍ଟମେଂଟାଲୀ ଜେ.ଇ.ଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଇ ଦେଇଥିବା ବେଳେ ଏପଟେ ସେହି ବ୍ୟକ୍ତି ଡିପାର୍ଟମେ ାଲୀ ଜେ.ଇ.ଙ୍କ ପାଇଁ ସାମଗ୍ରୀ ଗ୍ରହଣ କରୁଛନ୍ତି। ଏହା ସୂଚାଇ ଦେଉଛି ଯେ ଏହି ପ୍ରକଳ୍ପରେ କିଭଳି ଦୁର୍ନୀତି ହୋଇଛି। ଅନ୍ୟ ଏକ ଇନଭଏସରେ ୫୫ହଜାର ଟଙ୍କାର ସାନିଟାରୀ ସାମଗ୍ରୀ ପୁରୁଷୋ ମପୁରର ମେସର୍ସ ସାଇ ଏ ରପ୍ରାଇଜେସରୁ କିଣାଯାଇଥିବା ଓ ସେସବୁ ସାମଗ୍ରୀ ହେମନ୍ତ କୁମାର ବିଶ୍ୱାଳ ଗ୍ରହଣ କରିଥିବା ଦର୍ଶାଯାଇଥିବା ବେଳେ ଜେ.ଇ.ଙ୍କ ବିଲରେ କିନ୍ତୁ ପିଏଚ ଓ ସାନିଟାରୀ ଓ୍ୱାର୍କ ପାଇଁ ୪୯ହଜାର ଟଙ୍କାର ସାମଗ୍ରୀ କିଣାଯାଇଥିବା ଦର୍ଶାଯାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଅଗଷ୍ଟ ୨୦୨୪
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୬୨
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପୂର୍ବଦିନ ମୁଁ ତ୍ରିଜଟାକୁ ଡାକି ପଚାରିଥିଲି, ଏକଥା କଣ ସତ୍ୟ ମାଆ । ମୋ ସ୍ୱାମୀ ସମୁଦ୍ରରେ ସେତୁଟିଏ ବାନ୍ଧି ସାରିଛନ୍ତି ? ମୋ କଥା ଶୁଣି ତ୍ରିଜଟା ହସିହସି କହିଥିଲେ ମୁଁ ସେ ବନ୍ଧକୁ ଦେଖିନାହିଁ ମା' ସୀତେ । ସୈନ୍ୟମାନଙ୍କ ମୁଖରୁ ଯାହା ଶୁଣିଛି । ଏକଥା ନିରାଟ ସତ୍ୟ । ତୁମ ସ୍ୱାମୀ ରାମେଶ୍ୱରରୁ ଲଙ୍କାକୁ ପଥରରେ ବନ୍ଧଟିଏ ବାନ୍ଧି ଦେଇଛନ୍ତି । ଖୁବ୍ ଶୀଘ୍ର ସେ ଲଙ୍କା ଆକ୍ରମଣ କରିବେ । ସେଥିପାଇଁ ଲଙ୍କପତି ଲଙ୍କାର ସହସ୍ର ସହସ୍ର ସୈନ୍ୟଙ୍କୁ ସଜାଗ କରି ରଖିଛନ୍ତି ।

ତ୍ରିଜଟା କଥା ଶୁଣି ମୋ ଛାତିରୁ ଦମକାଏ ତତଲା ପବନ ଝରି ଆସିଥିଲା । ଭୟଭୀତ ହୋଇ ଯାଇଥିଲି ମୁଁ । ଲଙ୍କାର ସହସ୍ର ସହସ୍ର ସୈନ୍ୟ ସାଂଗକୁ ମୋ ସ୍ୱାମୀ ଏକା । ତାଙ୍କ ସହିତ ଅନୁଜ ଲକ୍ଷ୍ମଣ । ସତରେ କ'ଣ ସେ ଏ ଯୁଦ୍ଧକୁ ଜିଣିପାରିବେ ? ମନରେ ସନ୍ଦେହ ହେବାରୁ ଧ୍ୟାନସ୍ଥ ହୋଇ ନଖଦର୍ପଣକୁ ଅନାଇ ମୁଁ ଯାହା ଦେଖିଲି, ତାହା କିପରି ବର୍ଣ୍ଣନା କରିବି ସୁଧାମୟୀ। ସମୁଦ୍ର ଆରପଟରେ ସହସ୍ର ସହସ୍ର ସଂଖ୍ୟାରେ ବାନର ସେନା ସାଂଗକୁ ହନୁମାନ୍, ତାଙ୍କ ସହ ଅନ୍ୟକେତେକ ଯୋଦ୍ଧା ପ୍ରସ୍ତୁତ ହୋଇ ରହିଛନ୍ତି । ବିରସ ମନରେ ବସି ରହିଛନ୍ତି ମୋ ସ୍ୱାମୀ । ସମୁଦ୍ରରେ ପଥର ବନ୍ଧଟିଏ ପଡ଼ିଛି କୋଶକୋଶ ବ୍ୟାପୀ । ଲକ୍ଷ୍ମଣ ଧନୁଶର ଧରି ତାଙ୍କ ପାଖରେ ଦଣ୍ଡାୟମାନ । ସେ ଦୃଶ୍ୟ ଦେଖି ମୁଁ ଚକିତ ହୋଇପଡ଼ିଥିଲି ପ୍ରୀତିଦା । ଅନ୍ତରରେ ସାହସ ବାନ୍ଧିଥିଲି । ସ୍ୱାମୀ ମୋର ଏହି ସୈନ୍ୟଙ୍କୁ ସଂଗରେ ଧରି ଲଙ୍କା ଆକ୍ରମଣ କରିବେ । ଲଙ୍କାରେ ଆରମ୍ଭ ହୋଇଯିବ ମହାଯୁଦ୍ଧ । କେବେ ସେ ଦିନ ଆସିବ । ସ୍ୱାମୀ ମୋର ମୋତେ ଏ ନର୍କପୁରୀରୁ ଉଦ୍ଧାର କରିନେବେ । ଏହି ଚିନ୍ତାରେ ମୋର ରାତି ପାହିଥିଲା । ସକାଳୁ ମୁଖ ଧୌତ କରି ସାରି ଅନ୍ତର ମଧ୍ୟରେ ମୋ ପ୍ରଭୁଙ୍କ ପ୍ରତିବିମ୍ବ ଆଙ୍କି ତାଙ୍କୁ ପ୍ରଣାମ କରି ସାରିବା ପରେ ମାଆ ତ୍ରିଜଟା ହସିହସ ମୁଖରେ ଆସି ମୋ ପାଖରେ ପହଞ୍ଚି କହିଥିଲେ, ମାଆ ସୀତେ ! ଅଶୋକବନରେ ରହିବା ତୋର ଶେଷ ହୋଇ ଆସୁଛି । ତୋ ସ୍ୱାମୀ ଖୁବ୍ ଶୀଘ୍ର ଲଙ୍କା ଆକ୍ରମଣ କରିବେ ।

ତାଙ୍କୁ ବଚନ ପୂର୍ଣ୍ଣ କରିବାକୁ ନଦେଇ ମୁଁ ତରତର ହୋଇ ପଚାରିଥିଲି, ଲଙ୍କାରେ କ'ଣ ମୋ ସ୍ୱାମୀ ପହଞ୍ଚିଗଲେଣି ମାଆ ତ୍ରିଜଟା ।

ନା ମାଆ ସୀତେ ! ସେ ଆସି ନାହାନ୍ତି ଖୁବ୍ ଶୀଘ୍ର ଆସି ପହଞ୍ଚିବାର ସମ୍ବାଦ ଆସି ପହଞ୍ଚି ଯାଇଛି । ଏ ଖବର ମୁଁ ରାଜବାଟୀରୁ ଶୁଣି ଆସିଲି।

ଯୁଦ୍ଧ କ'ଣ ଘୋଷଣା ହୋଇସାରିଛି ମାଆ। ମୋ ମନରେ ଉତ୍ସୁକତା ।

ନା ମା ଜାନକୀ । ଯୁଦ୍ଧ ଘୋଷଣା ହୋଇନାହିଁ । ଗତକାଲି ତୁମ ସ୍ୱାମୀ ରାଜଦରବାରକୁ ଏକ ଦୂତ ପ୍ରେରଣ କରିଥିଲେ।

ଦୂତ ଆସିଥିଲା ମାଆ ତ୍ରିଜଟା । କି ଖବର ନେଇ ଦୂତ ଆସିଥିଲା ।

ଅଂଗଦ ନାମକ ଏକ ଦୂତକୁ ତୁମ ସ୍ୱାମୀ ଲଙ୍କାକୁ ପ୍ରେରଣ କରିଥିଲେ । ତାକୁ ଦେଖି ଲଙ୍କାର ସୈନ୍ୟମାନେ ଘରିପାରୁଶରୁ ବେଢ଼ିଯାଇ ବନ୍ଦୀ କରିନେଇ ଲଙ୍କପତିଙ୍କ ସମ୍ମୁଖରେ ପହଞ୍ଚାଇ ଦେଇଥିଲେ । ଅଂଗଦ ନାମକ ବାନରକୁ ଦେଖି ଅଟ୍ଟହାସ୍ୟ କରି ଲଙ୍କପତି ପ୍ରଶ୍ନ କରିଥିଲେ, କୁହ ବାନର ତୁମେ କେଉଁଠାରୁ ଆସିଛ ? ତୁମକୁ କିଏ ସ୍ଥାନକୁ ପ୍ରେରଣ କରିଛି ? ଗୋଟାଏ ବାନର ଆସି ମୋ ଲଙ୍କାକୁ ଛାରଖାର କରି ଦେଇ ଯାଇଛି। ତୁମେ ପୁଣି ଆସିଛ କ'ଣ ତାର ପୁନରାବୃତ୍ତି କରିବାକୁ ।

ଲଙ୍କାପତିଙ୍କ କଥା ଶୁଣି ସେ ବାନର କହିଥିଲା, ନା ଲଙ୍କପତି ମୁଁ ଲଙ୍କା ଧ୍ୱଂସ ପାଇଁ ଆସିନାହିଁ । ତୁମ ଲଙ୍କାକୁ ଧ୍ୱଂସ କରିବେ, ମୋ ପ୍ରଭୁ ଶ୍ରୀରାମ । ମୁଁ ତାଙ୍କରି ଦୂତ । ମୋ ପ୍ରଭୁ ମୋତେ ସମ୍ବାଦ ଦେଇ ଏ ସ୍ଥାନକୁ ପ୍ରେରଣ କରିଛନ୍ତି ।

ଅଂଗଦ କଥା ଶୁଣି ଦଶଗ୍ରୀବ ଚିତ୍କାର କରି କହିଥିଲେ, କି ସମ୍ବାଦ ପଠାଇଛନ୍ତି ତୁମ ସ୍ୱାମୀ । ଯୁଦ୍ଧର ସମ୍ବାଦ । ମୁଁ ଜାଣିଛି ତାଙ୍କ ସୈନ୍ୟସାମନ୍ତଙ୍କୁ ନେଇ ସେ ଲଙ୍କା ଆସି ମୋ ସହିତ ଲଢ଼ିବେ, ତୁମ ଭଳି କିଛି ମାଙ୍କଡ଼ଙ୍କୁ ନେଇ। ଯାଅ ଦୂତ ତୁମ ସ୍ୱାମୀଙ୍କୁ ସମ୍ବାଦ ଦେଇଦିଅ, ଲଙ୍କପତି ରାବଣ ଭୀରୁ ନୁହଁ । ଦେବତା, ଯକ୍ଷ, ରକ୍ଷ, ନାଗ, ନର, କିନ୍ନର ସମସ୍ତେ ମୋ ପାଦ ତଳର ଦାସ । ତୁମ ସ୍ୱାମୀ ତ ସାଧାରଣ ଗୋଟାଏ ମାନବ । ତାକୁ ଖବର ଦିଅ ରାବଣ ଦଶସହସ୍ର ସୈନ୍ୟ ଧରି ତାକୁ ପ୍ରତୀକ୍ଷା କରି ରହିଛି । ତା' ଯୁଦ୍ଧ ଆମନ୍ତ୍ରଣକୁ ମୁଁ ସ୍ୱୀକାର କରୁଛି । ଯାଅ ଯେତେ ଶୀଘ୍ର ପାରୁଛ ତୁମ ପ୍ରଭୁ ଶ୍ରୀରାମଙ୍କୁ ଏ ଖବର ଦିଅ । ମୁଁ ଯୁଦ୍ଧ ପାଇଁ ପ୍ରସ୍ତୁତ । ସୈନ୍ୟମାନେ, ସେ ବାନରର ବନ୍ଧନ ଫିଟାଇ ଦିଅ ।

ରାବଣର ଆଦେଶ ପାଇ ସୈନ୍ୟମାନେ ଅଂଗଦର ବନ୍ଧନ ଫେଡ଼ି ଦିଅନ୍ତେ ସେ ଚିଟାଉଟିଏ ଆଣି ରାବଣର ହସ୍ତକୁ ବଢ଼ାଇ ଦେଇଥିଲେ । ରାବଣ ହସିହସି ତାହା ଗ୍ରହଣ କରି ଚିଟାଉ ପାଠ କରି କ୍ରମେ ଗମ୍ଭୀର ହୋଇ ଯାଇଥିଲେ । ମୁଖମଣ୍ଡଳରେ ତାଙ୍କର ଜମି ଯାଇଥିଲା ବିନ୍ଦୁବିନ୍ଦୁ ଝାଳ । ସିଂହାସନ ତ୍ୟାଗକରି ଅସ୍ଥିର ହୋଇ ଏଣେତେଣେ ଘୂରି ବୁଲିଥିଲେ ସେ ।

ତ୍ରିଜଟା ମୁଖରୁ ଏ ସମ୍ବାଦ ଶୁଣି ମୋ ମୁଖମଣ୍ଡଳରେ ଝଲସି ଉଠିଥିଲା ହସର କ୍ଷୀଣ ରେଖାଟିଏ । ମୋ ସ୍ୱାମୀଙ୍କ ଯୁଦ୍ଧ ଆମନ୍ତ୍ରଣ ପାଇ ଭୟଭୀତ ହୋଇଯାଇଛି ଲଙ୍କପତି । ତା' ହୋଇ ନଥିଲେ ଏତେ ଦର୍ପୀ, ମତ୍ତଗର୍ବୀ, ସମ୍ରାଟ ଏପରି ବିବ୍ରତ ହେଲେ କାହିଁକି ?

ମୋ ମନର ଭାଷାକୁ ପଢ଼ିନେଇ ତ୍ରିଜଟା କହିଥିଲେ, ତୁମେ ଯାହା ଭାବୁଛ ତାହା ନୁହେଁ, ମାତା ସୀତେ । ରାବଣ ଭୟଭୀତ ହେବାର କାରଣଟା ଥିଲା ଭିନ୍ନ ।

କି କାରଣ ଥିଲା ମାଆ ତ୍ରିଜଟା । ମୁଁ ଉତ୍ସୁକତାର ସହିତ ଏ ପ୍ରଶ୍ନ ପଚାରନ୍ତେ, ତ୍ରିଜଟା କହିଥିଲେ, କାରଣ ଅତି ଆଶ୍ଚର୍ଯ୍ୟ ବିଷୟ ମାଆ। ତୁମ ସ୍ୱାମୀ ଶ୍ରୀରାମଚନ୍ଦ୍ର ଲଙ୍କପତି ରାବଣକୁ ନିମନ୍ତ୍ରଣ କରିଛନ୍ତି ରାମେଶ୍ୱର ଯାଇ ତାଙ୍କୁ ଭେଟିବା ପାଇଁ ।

ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ପ୍ରୀତିଦା । ମୋ ସ୍ୱାମୀ କ'ଣ ରାବଣ ସହିତ ସନ୍ଧି କରିବାକୁ ଚାହୁଁଛନ୍ତି ? ରଘୁବଂଶର ଦାୟାଦ, ରାଜା ଦଶରଥଙ୍କ ପୁତ୍ର ଦାଶରଥୀ ରାମ କ'ଣ ଏତେ ଭୀରୁ ଯେ, ସେ ସାମାନ୍ୟ ଜଣେ ଅସୁର ରାଜା ସହିତ ସନ୍ଧି କରିବେ ? ଯିଏ ଦଣ୍ଡକାରଣ୍ୟରେ ରାଜୁତି କରୁଥିବା ତାଡ଼କାକୁ ବିନାଶ କରିଥିଲେ, ଶିବଧନୁକୁ ଭାଂଗି ଯିଏ ମୋତେ ଲଭିଥିଲେ, ଏକୋଇଶ ବାର ପୃଥିବୀ ନିକ୍ଷତ୍ରିୟ କରିଥିବା ପର୍ଶୁରାମଙ୍କୁ ଯିଏ ଯୁଦ୍ଧରେ ପରାସ୍ତ କରିଥିଲେ, ସେ ଜଣେ ନାରୀ ଚୋରର ସହିତ ସନ୍ଧି କରିବାକୁ ଯାଉଛନ୍ତି କିପରି ? ପାଟିକରି ଉଠିଥିଲି ମୁଁ । ନା ଏହା କେବେବି ସମ୍ଭବ ନୁହେଁ । ମୋ ସ୍ୱାମୀ ମର୍ଯ୍ୟାଦା ପୁରୁଷୋତ୍ତମ ହୋଇ ଯଦି ଭୟରେ ରାବଣ ସହିତ ସନ୍ଧି କରନ୍ତି, ତାହେଲେ ମୁଁ ଶପଥ କରି କହୁଛି, ମା ତ୍ରିଜଟା ଏହି ଅଶୋକବନରେ ଅଗ୍ନି ପ୍ରଜ୍ୱଳିତ କରି ମୁଁ ଆତ୍ମାହୂତି ଦେବି ।

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଚଳନ୍ତିକା

# ଯୌନ ଅତ୍ୟାଚାର



**ସୁବ୍ରତ ପଟ୍ଟନାୟକ**

କେବଳ ଓଡ଼ିଶାର ନୁହେଁ, ସାରା ଭାରତରେ ବଢ଼ିଚାଲିଛି ଯୌନ ଅତ୍ୟାଚାର। ଏହାକୁ ରୋକାଯିବା ପାଇଁ ରହିଛି ଆଇନ୍। ମାତ୍ର ଏହା ସତ୍ତ୍ୱେ ଅପରାଧର ସଂଖ୍ୟା କମୁନାହିଁ କାହିଁକି ? ଅପରାଧୀଙ୍କ ବିରୋଧରେ ଦଣ୍ଡ ବିଧାନ କଠୋର ନା କୋହଳ ? ଯୌନ ପୀଡ଼ିତା ନ୍ୟାୟ ପାଆନ୍ତି ନା ନାହିଁ ? ଏଭଳି ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏବେ ଆଇପିସି ବା ଭାରତୀୟ ପିଙ୍ଗଳ ଧାରାକୁ ପରିବର୍ତ୍ତନ କରାଗଲା। ତା ସ୍ଥାନରେ ଲାଗୁ କରାଗଲା ବିଏନ୍ଏସ୍ ବା ଭାରତୀୟ ନ୍ୟାୟ ସଂହିତା। ଆଶା କରାଯାଉଥିଲା, ଯୌନ ଅତ୍ୟାଚାରକୁ ରୋକଯିବା ଲାଗି ନିଆଯିବ ଠୋସ୍ କଦମ୍। ନୂଆ ଆଇନକୁ ଦେଖି ପୀଡ଼ିତା ହୋଇଛନ୍ତି ଘୋର ନିରାଶ। ଏ ସମ୍ପର୍କରେ ଆଜିର ଆଲୋଚନା।

ବ୍ରିଟିଶ ଅମଳରୁ ଭାରତରେ 'ବଳାତ୍କାର'ର ସଂଜ୍ଞା ଯାହାଥିଲା, ବିଏନ୍ଏସ୍‌ରେ ଠିକ୍ ସେୟା ରହିଛି। ବିଶେଷ କିଛି ପରିବର୍ତ୍ତନ ଘଟା ଯାଇନାହିଁ। ପୁରୁଷଟିଏ କୌଣସି ମହିଳା କିମ୍ୱା ଯୁବତୀକୁ ଯୌନ ଅତ୍ୟାଚାର କଲେ ବଳାତ୍କାର ଆଇନର ଧାରା ଲାଗୁହେବ। ମାତ୍ର ଜଣେ ପୁରୁଷ ଯଦି ଅନ୍ୟ ଜଣେ ପୁରୁଷକୁ (ହୋମୋସେକ୍ସ) ଯୌନ ଶୋଷଣ କରେ, ତେବେ ତାକୁ ଗୁରୁତର ଅପରାଧ ଭାବେ ଗଣାଯିବ ନାହିଁ। ଠିକ୍ ସେହିଭଳି ମହିଳା- ମହିଳାଙ୍କ ମଧ୍ୟରେ (ଲେସ୍‌ବିୟାନ୍) ଯୌନ ଅପରାଧ ଘଟିଲେ ବି ତାକୁ ମାମୁଲି ଘଟଣା ଭାବେ ବିଚାର କରାଯିବ। ଏଭଳି କ୍ଷେତ୍ରରେ 'ଟ୍ରାନ୍ସଜେଣ୍ଡର୍ ଆକ୍ଟ-୨୦୧୯'ର ଧାରା ଲାଗୁ ହୋଇପାରେ। ଟ୍ରାନ୍ସଜେଣ୍ଡର୍ ଆକ୍ଟରେ କଠୋର ଦଣ୍ଡବିଧାନ ରହିନାହିଁ। ଯଦି ପୀଡ଼ିତାଙ୍କ ଅଙ୍ଗରେ ଗୁରୁତର କ୍ଷତ ଥାଏ, ତେବେ ଆଇନଟି ସାମାନ୍ୟ କଠୋର ହୋଇପାରେ। ନଚେତ୍ ପୁଲିସ୍ କିମ୍ବା ମାଜିଷ୍ଟ୍ରେଟ୍ ଅପରାଧୀକୁ ଅତି ସହଜରେ ଜାମିନରେ ଖଲାସ କରିପାରିବେ।

ନୂଆ ଆଇନ୍ ଲାଗୁହେବାପରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହେବେ ତୃତୀୟ ଲିଙ୍ଗୀ ବା କିନ୍ନର ଗୋଷ୍ଠୀ। ଯୌନ ଅତ୍ୟାଚାରର ଶିକାର ହୋଇଥିବା କିନ୍ନର ଥାନାକୁ ଅଭିଯୋଗ କରିବାକୁ ଗଲେ, ପୁଲିସ ଏହାକୁ 'ଅପ୍ରାକୃତିକ ଯୌନକ୍ରିୟା' କହି ତାଚ୍ଛଲ୍ୟ କରିବ। କିମ୍ବା ଡାକ୍ତର ପରୀକ୍ଷା ସାର୍ଟିଫିକେଟ ମାଗିବ। ଯଦି ଏହି ସାର୍ଟିଫିକେଟରେ 'ଗୁରୁତର କ୍ଷତ' ଲେଖା ଯାଇଥାଏ, ତେବେ ପୁଲିସ ଏହାକୁ ଏଫଆଇଆରରେ ଲେଖିବେ। ନହେଲେ ନାହିଁ। ଓଡ଼ିଶାର ବିଶିଷ୍ଟ କିନ୍ନର ନେତ୍ରୀ ମୀରା ପରିଡ଼ା, ସାଧନା ମିଶ୍ର, ମେଘନା ସାହୁ ପ୍ରମୁଖ ଆମ ସହିତ ଆଲୋଚନା ବେଳେ କହିଛନ୍ତି- ତୃତୀୟ ଲିଙ୍ଗୀଙ୍କୁ ସମାଜରେ ସବୁ କ୍ଷେତ୍ରରେ ଶୋଷଣ କରାଯାଉଛି। ସେମାନେ ଯୌନ ଅତ୍ୟାଚାରର ଶିକାର ପାଲଟୁଛନ୍ତି। ଏହି ବର୍ଗର ଲୋକଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ନୀତି ନିୟମ ପ୍ରଣୟନ ହେଉନାହିଁ। ଯେଉଁମାନେ ଅସ୍ତ୍ରୋପଚାର କରି ଲିଙ୍ଗ ପରିବର୍ତ୍ତନ କରିଛନ୍ତି, ସେମାନଙ୍କ ପାଇଁ ଅବଶ୍ୟ ଆଇନ୍ କରାଯାଇଛି। ମାତ୍ର ଏଭଳି କିନ୍ନରଙ୍କ ସଂଖ୍ୟା କେତେ ? ଓଡ଼ିଶାର ଅନେକ ସହରରେ କିନ୍ନର ବସ୍ତି ରହିଛି। ସେଠାରେ ବସବାସ କରୁଥିବା ଶହଶହ କିନ୍ନରଙ୍କ ସୁରକ୍ଷା ପ୍ରତି ପୁଲିସ ପ୍ରଶାସନ ଆଦୌ ଧ୍ୟାନ ଦେଉନାହିଁ। କିନ୍ନର ସଂଘରେ ନାମ ତାଲିକାଭୁକ୍ତ କରିଥିବା କିନ୍ନରଙ୍କୁ 'ପରିଚୟ ପତ୍ର' ପ୍ରଦାନ କରାଯାଉଛି ସତ, ମାତ୍ର ତାହା ବିଶେଷ କିଛିତ କାମରେ ଲାଗୁନାହିଁ। ଯାତ୍ରୀବାହୀ ବସ୍, ଟ୍ରେନରେ କିନ୍ନରଙ୍କ ଲାଗି ସ୍ୱତନ୍ତ୍ର ସିଟ୍ ନାହିଁ। ଶୌଚାଳୟକୁ ଗଲେ ସେମାନଙ୍କୁ ଅପମାନର ଶରବ୍ୟ ହେବାକୁ ପଡୁଛି। ଜେଲଖାନା, ଡାକ୍ତରଖାନା, ଶିକ୍ଷାନୁଷ୍ଠାନରେ ବି ସମାନ ଅବସ୍ଥା। ଯଦି କିନ୍ନରଟିଏ ଯୌନ ଶୋଷଣର ଶିକାର ହୋଇ ଅଦାଲତର ଆଶ୍ରୟ ନିଏ, ତେବେ ତାର ବିଚାର ପାଇଁ ରୁଦ୍ଧଦ୍ୱାରା କିମ୍ବା ସ୍ୱତନ୍ତ୍ର କୋଠାରୀ ନାହିଁ। ଅନ୍ୟ ସାଧାରଣ ଅଦାଲତ କୋଠାରୀରେ ଶହ ଶହ ଲୋକଙ୍କ ସାମ୍ନାରେ ଓକିଲଗଣ ସେମାନଙ୍କୁ ଜେରା କରିବା ଆଳରେ ଲୋକହସା କରାଇବେ। ଟ୍ରାନ୍ସଜେଣ୍ଡର୍ ଆକ୍ଟରେ ଯଦି ଜଣେ ଦୋଷୀ ସାବ୍ୟସ୍ତ ହୁଏ, ତେବେ ତାକୁ ଅତି ବେଶୀରେ ଦୁଇ ତିନି ମାସ ଜେଲଦଣ୍ଡ କିମ୍ବା ଅଳ୍ପ କେତେ ହଜାର ଟଙ୍କାର ଜରିମାନା ହୋଇପାରେ। ତାଠୁ ଅଧିକ ନୁହେଁ। ଦଣ୍ଡକୁ କୋହଳ କରାଗଲେ ଅପରାଧର ସଂଖ୍ୟା ବଢ଼ିବା ସ୍ୱାଭାବିକ। ପଶୁ ପକ୍ଷୀଙ୍କ ସହିତ ଯୌନକ୍ରିୟାକୁ ମଧ୍ୟ ଅତି ମାମୁଲି ଭାବେ ବିଚାର କରାଯାଉଛି। ଏଥିଯୋଗୁ ସମାଜର ଅଧପତନ ଘଟିବା ସ୍ୱାଭାବିକ।

ଆଇନରେ ଅନେକ ପରିବର୍ତ୍ତନ ଘଟିଲାଣି। ଦାମ୍ପତ୍ୟ ଜୀବନ ବିତାଉଥିବା ପତ୍ନୀର ଇଚ୍ଛା ବିରୋଧରେ ବଳପୂର୍ବକ ସହବାସ କଲେ ପତିକୁ 'ବୈବାହିକ ବଳାତ୍କାର' ଧାରାରେ ଗିରଫ କରାଯାଇପାରିବ। ଅଦାଲତରେ ଦୋଷୀ ସାବ୍ୟସ୍ତ ପତିକୁ ସର୍ବାଧିକ ତିନିବର୍ଷ ଜେଲ୍ କିମ୍ବା ଜରିମାନା ହୋଇପାରେ। ଅଠର ବର୍ଷରୁ କମ୍ ବୟସର କୌଣସି ବାଳିକାକୁ ଯୌନ ଶୋଷଣ କଲେ 'ପୋକ୍‌ସୋ' ଆଇନ୍ 'ପ୍ରୋଟେକ୍‌ସନ୍ ଅଫ୍ ଚାଇଲ୍ଡ ସେକ୍ସୁଆଲ୍ ଅଫେନ୍ସ ଲାଗୁ ହେଉଛି। ମାତ୍ର ପନ୍ଦର ସତର ବର୍ଷୀୟ କୌଣସି କିନ୍ନର ବା ନାବାଳକକୁ ଯୌନ ଅତ୍ୟାଚାର କରାଗଲେ, ଆଇନ କାହିଁକି ଏତେ କୋହଳ ? ପ୍ରତ୍ୟେକ ବ୍ୟକ୍ତିର ମୌଳିକ ସ୍ୱାଧୀନତା ରହିଛି। ଏହି ସ୍ୱାଧୀନତା କ୍ଷୁର୍ଣ୍ଣ ହେଲେ ମାନବ ଅଧିକାର ନିୟମରେ ଉଲଙ୍ଘନ ଘଟିବ। ସମାଜରେ କେତେକ ବ୍ୟକ୍ତି ବା ଗୋଷ୍ଠୀ ଶୋଷଣର ଶିକାର ହେଲେ ମଧ୍ୟ ନ୍ୟାୟ ପାଇବାରୁ ବଂଚିତ ହେବେ। ସେମାନଙ୍କ ପାଇଁ ଆଇ ପ୍ରଣୟନ ହେବା ଉଚିତ୍ ନୁହେଁ କି ? ଆଜି ଏତିକି। ଜୟ ଜଗନ୍ନାଥ।।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ।। ମେଘାଦାସର ପ୍ରେମ ।।

**ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ**



ମେଘାଦାସକୁ ଏବେ
ପ୍ରେମ କରିବାକୁ କାଳେ ଭାରି ଇଚ୍ଛା,
ତା ଦେହରେ ଅକ୍ଷତ ଯୌବନର ଜୁଆର,
ତା ଆଖିରେ ହାଲ୍କା ମେଘରାତିର ଶିହରଣ,
ଛାତିରେ ଅଙ୍କା ପ୍ରେମଫୁଲର ପାଖୁଡ଼ା
ଏସବୁକୁ ନେଇ ପ୍ରେମିକା ପାଲଟିବାକୁ
ସେ ଭାରି ତତ୍ପର।

ମେଘାଦାସ ଏବେ ପଢ଼େ
ଭଳିକି ଭଳି ପ୍ରେମ କବିତା
ବହିରେ ହଉ କି ଫେସବୁକ୍‌ରେ,
ପୋଖରୀ ଆଡ଼ିରେ ବସି ଦିନ ତମାମ
ଗୁଣୁଗୁଣାଏ ରୋମାଣ୍ଟିକ ଗଜଲ,
ମଲାଜହ୍ନକୁ ଦେଖିଲେ କାଳେ ଖୁବ ନିରୀହ
ମନେହୁଏ ତା ପ୍ରିୟତମର ମୁହଁ!

ସିନ୍ଦୁରା ଫାଟିଲା ବେଳେ
ମେଘାଦାସ ଆଖିରେ
ଲୁହସବୁ ଅମାନିଆ ନଈ ସୁଅ।

ସମୁଦ୍ର ଛାତିରୁ ଉଇଁଲେ ସୂର୍ଯ୍ୟ
ଆଖିପତା ତଳୁ ଲିଭିସାରିଥାଏ ନିଅନ
ଆଲୁଅର ସହର,
ବାସ୍ତବରେ ଖୋଜା ହେଲା ବେଳକୁ
ଫାଳେ ଅନ୍ଧାରକୁ ନେଇ
ମେଘାଦାସ ହେଇସାରିଥାଏ ଫେରାର।

♥ ସହଦେବଖୁଣ୍ଟା,ବାଲେଶ୍ୱର
ପିନ -୭୫୬୦୦୧
(ମୋ) ୭୭୮୮୯୭୭୨୭୬!

### ।। ଗାଁ ସଞ୍ଜ ।।

**ନୀଳମାଧବ କର**



ସନ୍ଧ୍ୟା ଯେବେ ନଇଁ ଆସେ
ଗୋଧୂଳିର ଶେଷେ
ଝିଙ୍କାରି ଆସି ଚୁପି ଚୁପି ମତେ କହେ
ତମେ ସଞ୍ଜ ଦେଉଛ ବୋଲି
ମୁଣ୍ଡରେ ଓଢଣା ଦେଇ ।

ତମ ନୀରବ ଆଖିରେ ଭାଷା
ହୃଦୟ ତଳର ନିରୀହ ଗୋପନ କଥା
ବୁଝି ପରେ ଶ୍ୱେତ କଇଁ
ଝୁମି ଝୁମି କହେ ଜହ୍ନକୁ ତାର
ମୋତେ କହିଦେବା ପାଇଁ ।

ଜହ୍ନ ମୋହର ବିରହ କବିତା ଶୁଣେ
କେତେ ଆଶା ନେଇ
ସଜେଇ ଥିଲା ସେ ରାତି
ତମ ପାଇଁ, ମୋ ପାଇଁ
ଯାମିନୀ ତାହାର ଭାରୀ ହେଇଯାଏ
ବିରହ ଦୁଃଖରେ ମଉନେ ଜାଗଇ ବସି

ତୁମ ଆଖି ଲୁହ ଟୋପା ତାରା ହେଇ ଆସି
ଭିଜାଏ ମୋହର ରାତି
ଗୋଟି ଗୋଟି କରି, କେତେ କଥା ସେଠି
କହି ହୁଏ, ଶୁଣି ହୁଏ
ସ୍ପନ୍ଦନ ହୀନ ଜୀବନର ବ୍ୟଥା
ଦହିଲେ ବି କେତେ ପରଶ ଆଣଇ ବହି ।

ବାର ବାର ଇଚ୍ଛା ହୁଏ
ସଞ୍ଜ ସେପରି ରହିଥାଉ ସଞ୍ଜ ହେଇ
ତୁମକୁ ଭେଟିବା ଯାଏ
ରାତ୍ରି ନ'ଆସୁ,ସକାଳ ନ'ହେଉ
ସମୟ ଅଟକି ଯାଉ ।

♥ ଓଲଭରହାମ୍ପଟନ, ୟୁକେ

### ।। ସଂସାର ।।

**ସୁଧୀର ମେହେର**



ସବୁଠି ହାରିଯିବା ହିଁ
ବୋଧେ ମୋର ଭାଗ୍ୟ ।

ଭଲ ପୁଅଟିଏ ହେବି ବୋଲି
ନହକା ବୟସରୁ ଉତାରି ନେଲି
ବାପାଙ୍କ କାନ୍ଧର ସବୁ ବୋଝ,

ଭଲ ଭାଇଟିଏ ହେବି ବୋଲି
କପାଳର ଝାଳ ପୋଛି ଭଉଣୀମାନଙ୍କୁ
କରି ଦେଲି ହାତରୁ ଦି' ହାତ,

ବଡଭାଇ ବାପ ସମାନ ବୋଲି
ଲହୁ,ଲୁହାଣ ହୋଇ
ସାନ ଭାଇ ସକାଶେ-ଗଢିଦେଲି
ଗୋଟେ ସୁବିସ୍ତିର୍ଣ ଆକାଶ,

ଭୁଲିଗଲି,
ମୋର ବି ଗୋଟେ ସଂସାର ଅଛି,
ଅଛି ବୋଲି ଭବିଷ୍ୟତ ।

ଏବେ, ଯେ କ'ଣ ଶୁଣୁଚି.....
ବାପା କହୁଛନ୍ତି-ମୁଁ ଗୋଟେ ଅପଦାର୍ଥ,
ଗଢି ପାରିଲିନି ନିଜ ଭବିଷ୍ୟତ,
ଭଉଣୀମାନେ କହୁଛନ୍ତି ଯଉତୁକ କଥା ପଡିଲେ
ଆଜି ବି ନଇଁ ଯାଏଁ ଆମ ମୁଣ୍ଡ,
ଭାଇ କହୁଛି -
ଯେଉଁ ଆକାଶ ଖଣ୍ଡେ ଧରେଇ ଦେଇଥିଲ,
କ'ଣ ବା ଥିଲା ସେଠି ?
ନ ଥିଲା ଜହ୍ନ, ତାରା କି ନକ୍ଷତ୍ର
ନାମକୁ ମାତ୍ର ଖଣ୍ଡେ ଛିଣ୍ଡା, ଦଦରା ଆକାଶ ।

କେହି ବି ଭାବିଲେନି
ସେମାନେ କୋଉ ମାଟିର ମଣିଷ !
କ'ଣ ଥିଲା ସେମାନଙ୍କର ଅତୀତ !

ହାୟ ....ମୋର ଭାଗ୍ୟ !!

♥ ଟିଟେଗୁଡା,ଜୁନାଗଡ,
କଳାହାଣ୍ଡି,ପିନ୍-୭୬୬୦୧୪
(ମୋ) ୯୫୮୩୫୮୮୮୭

### ।। ଭୁଲ ।।



**ଦିନେଶ ମେହେର**

ଜୀବନରେ-
ଅନେକ ଥର ଭୁଲ କରିଛି
ସେଇ ଭୁଲ କୁ ସୁଧାରି ନେବା ପରେ ବି
କେଜାଣି ବାରମ୍ବାର ପୁଣିଥରେ
ଜାଣତରେ ହଉ ଅବା ଅଜାଣତରେ
ଘଟିଯାଏ ଅଘଟଣ ସେଇ ଭୁଲ ପାଇଁ !

ଜାଣେ, ସବୁ ଭୁଲର କ୍ଷମା ଅଛି,
ପଶ୍ଚାତାପ ବି ଅଛି
ହେଲେ ବେଳେ ବେଳେ
ଏମିତି ଦୁର୍ଦ୍ଦିନ ସବୁ ଆସେ
ସେଇ ଟିକିଏ ଅସାବଧାନତା ଯୋଗୁଁ,
ଯାହା କଳ୍ପିତ କାହାଣୀରୁ
ଅନେକ ଦୂରରେ ଦୃଶ୍ୟମାନ ହେଉଥାଏ !

ଆଜି ଠିକ୍ ଜାଣି ପାରିଛି
ସେଦିନ ବଢୁଥିବା ଗୋଟେ ବେଜୁବାନର
ମୂଳ ଓପାଡ଼ି ଦେଇଥିଲି ବୋଲି
ସେ ହତାଦର ହେଇ ଟଳି ପଡ଼ିଛି,
ବେସାହାରା ହେଇ ସାରି ଦେଇଛି
ନିଜ ଆୟୁଷ,
କେବଳ ଗୋଟେ ନୁହେଁ
ନିଜ ସ୍ୱାର୍ଥ ପାଇଁ ଅନେକ ଙ୍କୁ ଦ୍ୱାହି ଦେଇ
ନିହତ କରିଦେଇଛି ନିଜ କୁରାଢ଼ି ଧାରରେ !


ଆଜି, ଏଇ ଘଡିସନ୍ଧି ମୁହୂର୍ତ୍ତରେ
ମୁଣ୍ଡ ଉପରେ
ଚାଳିଶ ଡିଗ୍ରୀ ଖରା ବାଜିଲା ବେଳକୁ
ବୁନ୍ଦାଏ ଜଳ ପାଇଁ ତରଷି ଯାଉଛି;
ଭାବେ, କାସ୍ ଆକାଶରୁ ବର୍ଷି ଯାଆନ୍ତା କି
ମେଘ ସବୁ, ପୁଣି ସଜେଇ ହୁଅନ୍ତା ଇନ୍ଦ୍ରଧନୁ।

ଜାଣିଛି, ଏବେ ନିଜ ଉପରକୁ
ଆଙ୍ଗୁଠି ଆସିଲା ବେଳକୁ
ଠିକ୍ ମନେ ପଡୁଛି
ନିଜର ଯେତେ ଦୋଷ, ଦୁର୍ବଳତା !

♥ ଜୁନାଗଡ଼, କଳାହାଣ୍ଡି
(ମୋ) ୮୦୧୮୮୨୮୪୫୬

### ଗୋଟିଏ ଏକପଦୀ

**ଡ. ରଜନୀ ରଂଜନ**



କାଚକାନ୍ଥର ଚଉହଦୀ ଡେଇଁ
ତମକୁ ପାରୁନି ଛୁଇଁ
ତମେତ ଫୁଟିଛ ରଜନୀଗନ୍ଧା
ଅନେକ ମହକ ନେଇ
ମୁଁ ନୁହେଁ ବଗିଚା ମାଳୀ
ତମ ଚାରିପାଖ
କଣ୍ଟାରେ ଘେରା
ତମକୁ ପାରୁନି ତୋଳି ।

♥ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫



### ।। ଖଳା ।।

**ଶରତ କୁମାର ଦାସ**

ଦେଖ !
କେମିତି ହଳଦୀ ରଙ୍ଗର
ପାଟବସ୍ତ୍ର ପିନ୍ଧିଚି ଖଳା
ଧୋବ ଫରଫର
ସୁନାର ତୋରଣ ତଳେ
ଲହରେଇଛି ତା ଦେହର ଭୁଗୋଳ
କଅଁଳ ଖରାର ପାଉଁଶିଆ କୁହୁଡ଼ି ତଳୁ
ସାଉଁଟି ଆଣୁଛି ଚାଷୀ
କୁଲା କୁଲା ଧାନର ଅତର

ଫର୍ଚ୍ଚା ଆକାଶ ତଳେ
କୁଞ୍ଜ କୁଞ୍ଜ ପାହାଡ଼ ପରି
ବିଛେଇ ପଡିଛି ଧାନ
ଯାହାର ସୁନା ଆଉଟା ଦେହ ପ'ରେ
ଚାଲିଛି ଖୁଣ୍ଟିଖିଆ ପକ୍ଷୀଙ୍କ ମହୋତ୍ସବ
କଳା ମଚମଚ ମଣିଷଟିର
ଝାଳବୁହା ଛାତି ତଳେ
ଉଇଁ ଆସୁଛି ସୁଖ ସରାଗର
ଚନ୍ଦ୍ର ଉଦିଆ ଜହ୍ନ ।

ଆହା !
ହଳଦୀ ପତ୍ରର ବାସ୍ନାରେ
ଚହଟି ଯାଉଛି
ଖରା ଖିଆ ଖଳାର ବାସ
ଯାହାର ମଲ୍ଲିଫୁଲିଆ ହସ
ଅମଳେଇ ନଉଛି
ସତେ ଯେମିତି
ମୋ ତମାମ ଜୀବନର ଅବସୋସ ।

♥ ବାଲିଆପାଳ, ବଇଁଶୀରିଆ
ଯାଜପୁର
(ମୋ) ୯୪୩୭୪୨୩୯୮୫

# ସାହିତ୍ୟ ଯଦି ଭୁଲ୍ ନିୟମରେ ତିଆରି ହେଲା ତେବେ ତାହା ଆଗାମୀ ପିଢିକୁ ନଷ୍ଟ କରିଦେବ : ଅମରେଶ ବିଶ୍ୱାଳ

**ଅମରେଶ ବିଶ୍ୱାଳ ଓଡିଆ କଥା ସାହିତ୍ୟ ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ଅନୁଭବର ପ୍ରତିଶ୍ରୁତିରେ ତାଙ୍କ ସୃଜନ ବେଶ୍ ଆବେଗ ଛଳଛଳ । କେବଳ ଗଳ୍ପ ଉପନ୍ୟାସ ନୁହେଁ, କବିତାରେ ମଧ ସେ ଦେଖାଇଛନ୍ତି ତାଙ୍କ ପାରଦର୍ଶିତା । କେତେବେଳେ ଗଭୀର ସମୁଦ୍ର ପରି ତ କେତେବେଳେ ଛଳଛଳ ଭାବୋଚ୍ଛ୍ୱାସକୁ ନେଇ ତାଙ୍କର ସର୍ଜନା । ଜଣେ କୁଶଳୀ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ନିଜର ପରିଚୟ । ତାଙ୍କ ସହ ଏଥରର ଆଳାପ..**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ଦିକି ଦିକି ଲଣ୍ଠନ ଆଲୁଅ ତଳେ, ଦୈନିକ ସଂଧ୍ୟାରେ ମୁଁ ବାପାଙ୍କ ମୋଟା ଗାର ପକା ସ୍କୁଲ ପରିଦର୍ଶନ ଖାତା ଖେଳେଇ ବସେ, ବାପା ତାଙ୍କ ତାଳୁରେ ଥିବା କେରାଏ ଚୁଟିକୁ ମୋଡି ମୋଡି ଧ୍ୟାନସ୍ଥ ହୋଇ ଡିକ୍ଟେସନ୍ ଡାକନ୍ତି- 'ଆଜି ଅଚାନକ ଭାବେ ବୁଢିକାପୁଡି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କଲି । ବିଦ୍ୟାଳୟ ହତାରେ ପଶୁ ପଶୁ ପାଣି ନପାଇ କ୍ରମେ ଶୁଖି ଆସୁଥିବା ଫୁଲଗଛ ଗୁଡିକୁ ଦେଖି ମନ ଶୁଖି ଗଲା ।' ଏମିତି ଏମିତି ଚାଲେ ବାପାଙ୍କ ପାଖରେ ରହି ମୋର ପାଠପଢା । କେନ୍ଦୁଝର ଓ ମୟୂରଭଂଜ ସୀମାରେ ଜାତୀୟ ରାଜପଥ କଡରେ ଥିବା ତୁରୁମୁଙ୍ଗା ସ୍କୁଲ ହତାରେ ଆମ ବିଜୁଳି ବିହୀନ ଟାଇଲ୍ ଛପର ଏସ୍.ଆଇ. କ୍ୱାର୍ଟର । ଛୋଟିଆ ଛକଟିଏ । ବାପା ସେଇଠି ଥାଆନ୍ତି ସ୍କୁଲ ପରିଦର୍ଶକ । ମତେ ଲାଗେ, ତାଙ୍କରି ପାଖରେ ରହି ୫ମ ଶ୍ରେଣୀରେ ପାଠ ପଢିଲା ବେଳେ ମୋ ଭିତରେ ଲେଖିବାର ଓ ଭାବିବାର କୌଶଳ ବୃଦ୍ଧି ପାଇଥିଲା । ଦିନ ଦିନ ଧରି ସାଇକେଲରେ ସ୍କୁଲ ପରିଦର୍ଶନ ପାଇଁ ଚାଲି ଯାଆନ୍ତି ବାପା । ପଛରେ ରହିଯାଏ ମୁଁ, ମୋର ଏକାକୀତ୍ୱ, ଆମ୍ବ ସପେଟା ଓ ପନିପରିବା ଫସଲରେ ପରିପୂର୍ଣ୍ଣ ବିସ୍ତୀର୍ଣ୍ଣ ସ୍କୁଲ ହତା ଓ ଶହେ ମିଟର ଦୂରରେ ହାଇୱେ ଉପରେ ଧାଇଁ ଯାଉଥିବା ଦ୍ରୁତଗାମୀ ମାଲ୍ ବୋଝେଇ ଟ୍ରକ୍ । ଦିନ ଦିନ ଏଇମାନେ ମୋର ସାଙ୍ଗ । ଏଇମାନେ ମତେ ଭାବିବାକୁ ଖେଳନା ଦେଇଥିଲେ । ବେଳେବେଳେ ମୋର ସାଙ୍ଗ ହୁଏ ସୁନ୍ଦରୀ ରଶ୍ମୀ ମହାକୁଡ । ଏମାନେ ମୋ ଅଜାଣତରେ ମୋ ଭିତରେ ବୋଧେ ଭରିଥିଲେ ସୃଜନ ପବନ । ମୁଁ ଅନେଇଥାଏ ବାପାଙ୍କ ଫେରିବା ବାଟକୁ । ସେ ଫେରିଲେ ସଂଧ୍ୟାର ଲଣ୍ଠନ ପୋଛାହୁଏ, ଟେବୁଲକୁ ମୁହଁ ପାଏନି ବୋଲି ଚେୟାର ଉପରେ ଗୁଡାଏ ବାଇଣ୍ଡିଂ ଖାତା ଥୁଆହୁଏ, ମୁଁ ସେଇଥିରେ ବସେ, ଆଉ ବାପା ଡାକନ୍ତି ପରିଦର୍ଶନ ବିବରଣୀ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୁଁ ଯେତେବେଳେ ସାହିତ୍ୟରେ କିଛି ନୁହେଁ, ସେତେବେଳକୁ ମୋ ବଡଭାଇ ପ୍ରଦୀପ ବିଶ୍ୱାଳ, ମୋର ବାବୁ ନନା, ଓଡିଆ ସାହିତ୍ୟର ଜଣେ ଜଣାଶୁଣା କବି । ବିଏ ପରେ ମୁଁ ଭୁବନେଶ୍ୱର ଆସି ତାଙ୍କରି ପାଖରେ ରୁହେ । ତାଙ୍କ କବିତା ସବୁ ସେ ନଥିଲା ବେଳେ ପଢେ, ତାଙ୍କ ପାଖକୁ ଆସୁଥିବା କଥା, ନବଲିପି ଓ ସମାବେଶ ପତ୍ରିକା ପଢେ । ସାହିତ୍ୟ ଭଲ ହୁଏ ବୋଲି ଆମ ଗାଁ ହାଇସ୍କୁଲର ସାହିତ୍ୟ ସାର୍ ସୁବାସ ରାଉତ (ଏବେ ସ୍ୱର୍ଗତ) ମତେ ବହୁତ ଭଲ ପାଉଥିଲେ । କହୁଥିଲେ, ତୁ ଭଲ ଲେଖି ପାରିବୁ । ଭାଇଙ୍କ କବିତା ପଢି ଲୁଚେଇ ଲୁଚେଇ କବିତା କିଛି ଲେଖେ, ଯାହାକୁ ପଢିଲେ ମତେ ପରେ ଲାଜ ମାଡେ । ନନାଙ୍କ ସାଙ୍ଗ, ପ୍ରଥିତଯଶା ଗାଳ୍ପିକ ଗୌରହରି ଦାସ ଓ ପରେଶ ପଟ୍ଟନାୟକଙ୍କୁ ଦେଖେ । ଭାରି ଖୁସି ହୁଏ, ଯାହାଙ୍କ ନାଁ ଛପା ଅକ୍ଷରରେ ପତ୍ରିକାରେ ପଢିଛି, ସେମାନଙ୍କୁ ପାଖରେ ଦେଖି ଗର୍ବ ହୁଏ । ପରେ ଗୌରହରି ଦାସଙ୍କ ପାଖରେ କାମ କରିବାର ସୁଯୋଗ ପାଇଲି । କହିପାରିବି, ମୋ ବଡଭାଇ ପ୍ରଦୀପ ବିଶ୍ୱାଳ ଥିଲେ ମୋର ସୃଜନ ପ୍ରେରଣା, ଆଉ ଗୌରହରି ଦାସ ସାହିତ୍ୟରେ ମୋର ଆଦ୍ୟଗୁରୁ ।



ପ୍ରାଣପ୍ରିୟା ପତ୍ନୀଙ୍କ ସହ ଗାଳ୍ପିକ ଅମରେଶ ବିଶ୍ୱାଳ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ମୋ ମତରେ ଲେଖକର ନିଜର ଅନେକ ସମସ୍ୟା ଅଛି । ବେଳେବେଳେ ଲାଗେ, ଲେଖକମାନେ ନିଜେ ଗୋଟେ ଗୋଟେ ସମସ୍ୟା । କୌଣସି ସମସ୍ୟାର ସମାଧାନ ପାଇଁ ଲେଖକ ଲେଖୁନି । ହଁ, ପ୍ରତି ଲେଖକ ପ୍ରଥମେ ଜଣେ ସଚେତନ ନାଗରିକ । କେହି ଯଦି ଲେଖା ମାଧ୍ୟମରେ କୌଣସି ସମସ୍ୟାର ସମାଧାନ କରିପାରୁଛି ତେବେ ତାହା ଭଲ । କିନ୍ତୁ ସମସ୍ୟାର ସମାଧାନ ପାଇଁ ଲେଖିଲେ ତାହା ସାମ୍ବାଦିକତା ହେଇଯିବ । ବାକି ରହିଲା, ସମାଜର ପରିବର୍ତ୍ତନ କଥା । ଲେଖା ମାଧ୍ୟମରେ ସମାଜର ପରିବର୍ତ୍ତନ ହୁଏ, କିନ୍ତୁ ତାହାର ଗତି ଖୁବ୍ ମନ୍ଥର । ରାମାୟଣ ମହାଭାରତ ବହୁ ଆଗରୁ ଲେଖା ଯାଇଛି । ଏହା ଆମ ଜନଜୀବନକୁ ପ୍ରଭାବିତ କରିଆସିଛି । ଯେଉଁ ଲେଖା ବଂଚି ରୁହେ, ବୁଝିବାକୁ ହେବ, ସମାଜ ପାଇଁ ତା'ର ଆବଶ୍ୟକତା ଅଛି । କିଛି ଲେଖା, ସିଧାସଳଖ ସମାଜର ପରିବର୍ତ୍ତନ କରେନାହିଁ, କିନ୍ତୁ ପରିବର୍ତ୍ତନରେ ସହାୟତା ଦିଏ । କୌଣସି ଲେଖାରେ ଯଦି କିଛି ବାର୍ତ୍ତା ନାହିଁ, କିନ୍ତୁ ତାହା ପଢିଲା ଲୋକକୁ ଖୁସି ଦେଉଛି, ତାହା କ'ଣ ଉପାଦେୟ ଲେଖା ନୁହେଁ ?

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କ'ଣ କହିବେ ? କ'ଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଅଧିକ ଗପ ଲେଖା ହେଉଛି ତାହା ହିଁ ଆଶ୍ୱାସନା ଓ ଖୁସିର କଥା । ପାଠକ ଆଜି କମିଛନ୍ତି, କାଲି ବଢିବେ । ଗପଟିଏ ଥିଲେ ସିନା ପଢିବେ । ସେଥିପାଇଁ ଲେଖାଯାଉ ଓ ଛପାଯାଉ । ତେବେ ପାଠକ କମିଛନ୍ତି କଥା ଯାହା କୁହାଯାଉଛି ତାହା ସଂପୂର୍ଣ୍ଣ ଠିକ୍ ନୁହେଁ । ବୈଷୟିକ ବିକାଶ ସହିତ ମାଧ୍ୟମ ବଦଳି ଯାଇଛି । ଆଗରୁ ଗପ କେବଳ ପଢା ଯାଉଥିଲା, ଏବେ ଶୁଣା ଯାଉଛି, ଦେଖା ଯାଉଛି । ବହିଟିଏକୁ ସଂରକ୍ଷଣ କରି ରଖିବା କଷ୍ଟକର କଥା । ତାକୁ ଡିଜିଟାଲ୍ ମାଧ୍ୟମକୁ ନେଇଗଲେ ସବୁଦିନ ରହିଯିବ, ଆଜିର ପିଲାଏ, ଯେଉଁମାନଙ୍କର ପଢା ଅଭ୍ୟାସ ନାହିଁ, ସେମାନେ ପରେ ତାକୁ ଶୁଣି ପାରିବେ, ଚାହିଁଲେ ପଢି ବି ପାରିବେ । ତେଣୁ ଆଜିର ଗାଳ୍ପିକମାନେ ନୂଆ ନୂଆ ମାଧ୍ୟମରେ ନିଜ ଗପକୁ ସଂରକ୍ଷଣ କରି ରଖିପାରିଲେ ତାହା ସବୁଦିନ ପାଇଁ ରହିଗଲା ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷାର ମୂଳ ବାସସ୍ଥାନ ହେଲା ସାହିତ୍ୟ । ଆପଣ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ପ୍ରଭୃତି ଚାହିଁଲେ ଇଂରାଜୀରେ ପଢିପାରିବେ, କିନ୍ତୁ ସାହିତ୍ୟକୁ ନିଜ ମାତୃଭାଷାରେ ହିଁ ପଢିବାକୁ ପଡିବ । ଆମେ ନିଜକୁ ପରିପ୍ରକାଶ କରିବାର ମାଧ୍ୟମ ହେଲା ସାହିତ୍ୟ । ଆମେ ଯାହା କହୁଛନ୍ତି ତାହା ସାହିତ୍ୟର ଅଂଶ । ମାତୃଭାଷାରେ ଆମେ ଭାବନ୍ତି । ତେଣୁ ମାତୃଭାଷାରେ ପାଠ ପଢିଲେ ହିଁ ଜଣେ ସର୍ବାଧିକ ଶିକ୍ଷିତ ହୋଇପାରିବ । ଖୁସିର କଥା ଯେ, ବିଳମ୍ବରେ ହେଉ ବରଂ ଓଡିଆ ଅସ୍ମିତା ନାଁରେ ଆମ ସରକାରୀ ବ୍ୟବସ୍ଥା ଆମ ଭାଷା ସାହିତ୍ୟର ମୂଲ୍ୟ ବୁଝିଛି । ଏବେ ପୂର୍ବ ଅପେକ୍ଷା ବ୍ୟାପକ ବହି ବାହାରୁଛି । ଏହିସବୁ ହିଁ ଆମ ଭାଷାକୁ ଆଗାମୀ ଦିନରେ ବଂଚେଇ ରଖିବ । ଆମେ ଏ ପର୍ଯ୍ୟନ୍ତ ଆମ ଭାଷାକୁ କେବଳ ସରସ୍ୱତୀଙ୍କ ଭାଷା ଭାବରେ ଶିଖି ଆସିଛୁ, ଯେତେବେଳେ ଏହା ଲକ୍ଷ୍ମୀଙ୍କ ଭାଷା ହେଇଯିବ, ଅର୍ଥାତ ଯେତେବେଳେ ମୋ ଭାଷା ମତେ ରୋଜଗାର ଦେବ, ସେତେବେଳେ ଏହା ଚିରକାଳ ବଂଚିକି ରହିବ, ଏଥିପାଇଁ କାହାକୁ ବାଧ କରିବାକୁ ପଡିବ ନାହିଁ । ସେହିଦିନ ଆସୁଛି ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ?

■■ ହଁ ମୁଁ ଆଶାବାଦୀ । ମୁଁ ଜାଣିଛି, ଲେଖାଟିଏ ତୀବ୍ର ବେଗରେ ସାମାଜିକ ପରିବର୍ତ୍ତନ ଆଣିନପାରେ, କିନ୍ତୁ ଏହା ଧୀରେ ଧୀରେ ଗୋଟେ ପରିବର୍ତ୍ତନର ବୀଜ ବପନ କରିଥାଏ । ମୁଁ ଆଗରୁ କହିଥିଲି, କେତେକ କୁହନ୍ତି, ଗୀତା ଭାଗବତ ବହୁ ଆଗରୁ ଲେଖା ଯାଇଛି, ପରିବର୍ତ୍ତନ ହେଇଥିଲେ ଅନେକ ଆଗରୁ ସମାଜ ବଦଳି ଯାଇଥାନ୍ତା । କିନ୍ତୁ ଆମ ସମାଜରେ ଗୀତା ଭାଗବତର ପ୍ରଭାବ କମ୍ ବୋଲି ଆପଣ ଭାବୁଛନ୍ତି କି ? ତେବେ ଶେଷରେ ଏତିକି କହିବି, ପରିବର୍ତ୍ତନ ପାଇଁ କେହି ସାହିତ୍ୟ ରଚନା କରେନି, ଲେଖା ଯଦି ଠିକ୍ ଦିଗରେ ଯାଇଥିବ, ତାହା ଆପେ ଗୋଟେ ପରିବର୍ତ୍ତନର ସ୍ୱର ପାଲଟି ଯିବ ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ଓଡିଆରେ ଲେଖିପାରେ ବୋଲି ଜୀବିକାଟିଏ ପାଇଛି । ଭାଷା ଭିତ୍ତିରେ ଯଦି ଏହି ରାଜ୍ୟ ସୃଷ୍ଟି ହୋଇନଥାନ୍ତା, ବୋଧହୁଏ ମୋ ପରି ଅନେକ ଲୋକ ଆଜି ଅନ୍ୟ କେଉଁ ଭାଷାକୁ ରୋଜଗାରର ମାଧ୍ୟମ କରିବାକୁ ବାଧ ହେଇଥାନ୍ତେ । ତେଣୁ ଓଡିଆ ସାହିତ୍ୟକୁ ନେଇ ମୁଁ ବହୁତ ଆଶାବାଦୀ । ଏ ଭାଷା କେବେବି ମରିବନି, ବରଂ ଶକ୍ତିଶାଳୀ ହେବାରେ ଲାଗିଛି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପେଟ୍ରୋଲ୍ ଅଭାବ ଜନିତ ସମସ୍ୟାରେ ପଡିଥିଲେ ମଧ, ଗାଡି ଉଡୋଉଥିବା ଲେଖକ ପାଇଁ ପୁରସ୍କାର ଗୋଟେ ତେଲଟାଙ୍କି । କିନ୍ତୁ ଏହାର ଅର୍ଥ ନୁହେଁ, ଗାଡିଟି କେବଳ ତେଲଟାଙ୍କି ଲକ୍ଷ୍ୟରେ ଚାଲିବ । ଲେଖାଲେଖି କରୁଥିବା ଭିତରେ ଯଦି ପୁରସ୍କାରଟିଏ ମିଳିଲା, ଖୁସି ଲାଗେ । କିନ୍ତୁ କେବଳ ପୁରସ୍କାର ପାଇବା ଆଶାରେ ଲେଖିଲେ ତାହା କର୍ପୋରେଟ୍ ଚାକିରି ପରି ମନେହେବ । ସାହିତ୍ୟ ସବୁବେଳେ ଆଲୋକର ବାର୍ତ୍ତା ଦେଉ, ଅନ୍ଧକାରର ନୁହେଁ । ଏହା କାହାକୁ ଧ୍ୱଂସ ନକରୁ, କଷ୍ଟ ନଦେଉ, ଈର୍ଷା ନକରୁ, ନ କନ୍ଦାଉ, ଭୁଲ୍ ବାଟ ନଦେଖାଉ । ପୋଲଟିଏ ଭୁଲ୍ ନିୟମରେ ତିଆରି ହେଲେ ତାହା ତୁରନ୍ତ ଭାଙ୍ଗିଯାଇ କ୍ଷତି ପହଂଚାଇଥାଏ, କିନ୍ତୁ ସାହିତ୍ୟ ଯଦି ଭୁଲ୍ ନିୟମରେ ତିଆରି ହେଲା ତେବେ ତାହା ଆଗାମୀ ପିଢିକୁ ନଷ୍ଟ କରିଦେବ । ❤❤

## ■ ଅଳ୍ପରେ କଥାକାର ଅମରେଶ ବିଶ୍ୱାଳ...



ଜନ୍ମ: ୧୩ ଜୁନ ୧୯୭୨
ଜନ୍ମସ୍ଥାନ : ରାଛିପୁର, ଯାଜପୁର ରୋଡ
ପିତା- ବଂଶୀଧର ବିଶ୍ୱାଳ
ମାତା- ସୁଭଦ୍ରା ବିଶ୍ୱାଳ
ବୃତ୍ତି: ସାମ୍ବାଦିକତା
(ଓଡିଶା ଟେଲିଭିଜନ ଲିମିଟେଡ, ଓଟିଭି)

ବର୍ତ୍ତମାନର ଠିକଣା : ପ୍ଲଟ୍ ନଂ-୫୨୫/୧୨୬୦୩, ସମେଇଗାଡିଆ, ପୋ-ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
(ମୋ) ୯୮୬୧୪୧୫୩୭୭

## ■ ପ୍ରକାଶିତ ପୁସ୍ତକ ■

୧. ଅବକ୍ଷୟମୁଖୀ ଜାତୀୟ ଚରିତ୍ର (ପ୍ରବନ୍ଧ- ୨୦୦୧)
୨. ବୟସ୍କ ଲୋକର ସମୟ (ଗଳ୍ପ, ୨୦୦୮)
୩. ସ୍ପେଶାଲ ରିପୋର୍ଟ (ଗଳ୍ପ, ୨୦୧୨)
୪. ତୁମରି ପରି ଝିଅଟିଏ (କିଶୋର ଜୀବନୀ, ୨୦୧୩)
୫. ମଧ୍ୟବିତ (ଉପନ୍ୟାସ, ୨୦୧୪)
୬. ସଁବାଳୁଆର ସ୍ୱପ୍ନ (ଗଳ୍ପ, ୨୦୧୪)
୭. ଆତ୍ମନ (ଗଳ୍ପ, ୨୦୧୮)
୮. ହ୍ୟାଙ୍ଗଓଭର (କବିତା, ୨୦୧୮)
୯. ପ୍ରଣତିର ପ୍ରେମିକମାନେ (ଉପନ୍ୟାସ,୨୦୧୯)
୧୦. ପାପ (ଉପନ୍ୟାସ, ୨୦୧୯)
୧୧. ଚାଇନାର ଚରିତ୍ର (ଭ୍ରମଣ ଉପନ୍ୟାସ, ୨୦୧୯)
୧୨. ପ୍ରେମିକାର ସାନଭଉଣୀ (ପ୍ରେମଗଳ୍ପ, ୨୦୨୦)
୧୩. ପ୍ରୀତି ପ୍ରଲିସା ସୁନନ୍ଦା (୩ଟି ଉପନ୍ୟାସ, ୨୦୨୩)
୧୪. ଛୋଟ ଛୋଟ ଜୀବନ (ଛୋଟ ଗଳ୍ପ, ୨୦୨୧)
୧୫. ଏଇଠୁ ଆରମ୍ଭ (ମିଳିତ ଉପନ୍ୟାସର ସହ ଲେଖକ)
୧୬. ସିଲ୍‌ହଟ୍‌ରେ ସକାଳ (ମିଳିତ ଉପନ୍ୟାସର ସହ ଲେଖକ)





ସାହିତ୍ୟ ସଭାରେ ଅମରେଶ...



ସୁଖୀ ପରିବାର : ପତ୍ନୀ ଓ ଏକମାତ୍ର ପୁତ୍ରଙ୍କ ସହ ଗାଳ୍ପିକ ଅମରେଶ ବିଶ୍ୱାଳ ।



ସମ୍ବର୍ଦ୍ଧିତ ହେବାର ବିରଳ ମୁହୂର୍ତ୍ତ...



**ପ୍ରଦୀପ ନାୟକ**

ଦୃଶ୍ୟରେ ହେଉ କି ଅଦୃଶ୍ୟରେ ହେଉ ପାଠକ ଓ ସ୍ରଷ୍ଟାର ଭାବନାର, ବିଚାରର ମିଳନ ହିଁ ଲେଖାର ସାର୍ଥକତା ଭାବରେ ନିଆଯାଇ ପାରିବ। ଆଉ କାହାର କିଛି ହେଉ କି ନହେଉ ନିଜ ସ୍ରଷ୍ଟାପଣିଆ ଉପରେ ସ୍ରଷ୍ଟାର ବିଶ୍ୱାସ ତ ଦୃଢ଼ ହୁଏ ।

## ପ୍ରିୟ ପାଠକ-୨୫

# ପାଠକ ଓ ଲେଖକ ଉଭୟ ଉଭୟଙ୍କ ପାଇଁ ଅଜଣା

ଜଣେ ବନ୍ଧୁଙ୍କ ସହ ମୁଁ କଟକ ଭରତିଆ ଟାୱାର ପାଖରେ ଠିଆହୋଇଥାଏ , ଉଦ୍ଦେଶ୍ୟ ଥାଏ ଦୁର୍ଗାପୂଜା ବିଶେଷାଙ୍କ କେତୋଟି କିଣିବା। ବୁକ୍ ଷ୍ଟୋରଟି ଖୋଲିନଥାଏ। ସାମ୍ନାରେ ଲାଗିଥିବା ବୋର୍ଡରୁ ପଢି ଆମେ ଟେଲିଫୋନ କଲୁ କେତେବେଳେ ଦୋକାନ ଖୋଲିବ। ଏଇ ପହଞ୍ଚୁଛି କହି ଦୋକାନୀ ଜଣକ ଅଧଘଣ୍ଟା ବିଳମ୍ବ କଲେ । ସୁତରାଂ ଆମେ ଭରତିଆ ଟାୱାର ସାମ୍ନାରେ ଥିବା ଗୋଟେ ଉଠା ଦୋକାନୀ ଠାରୁ ଚା' ପିଇଲୁ। ପାନ ବି ଖାଇଲୁ। ପାଖରେ ବିଭିନ୍ନ କିସମର ଉଠା ବ୍ୟବସାୟୀ ପସରା ମେଲିଛନ୍ତି। ଗୋଟେ ଫଳଦୋକାନୀ ପାଖରେ ଦିଜଣ ଗରାଖ ଅଛନ୍ତି। ଦୁହେଁ ବୟସ୍କ ଲୋକ। ଜଣେ ଫଳକୁ ବାଛିବାଛି ଜରିରେ ଭରୁଛନ୍ତି। ଆରଜଣକ ପାଖରେ ଠିଆହୋଇଛନ୍ତି ଯଦିଓ ରାସ୍ତାଆଡକୁ ଚାହିଁ କ'ଣ ଗୋଟେ ଦେଖୁଛନ୍ତି। ଫଳ କିଣି ଓଜନ କରି ଜରିରେ ଧରିବା ବେଳକୁ ରାସ୍ତାଆଡକୁ ଚାହିଁଥିବା ଲୋକ ଜଣକ ଫଳ କିଣୁଥିବା ଲୋକକୁ କହୁଛି - ଭଲ ଭାବରେ ନଜର କରି କିଣ। ମନାକରୁଚି ବାଦାମବାଡିରୁ ଫଳ କିଣନା।

ଫଳ କିଣୁଥିବା ଲୋକ ପଚାରୁଛି - କାହିଁକି, କ'ଣ ହେଇଚି କି ?

: କ'ଣ ହେଇଚି ପଚାରୁଚୁ କ'ଣ ? ବାଦାମବାଡି କା ଯାଦୁ ପଢିନୁ କି ?

: ବାଦାମବାଡି କା ଯାଦୁ କ'ଣ କି ?

: ତା'ହେଲେ ତୁ ପଢିନୁ ବୋଧେ। ସମ୍ବାଦରେ ବାହାରିଥିଲା। ଏଠୁ ଫଳ କିଣିବୁ ତ, ବାଛିବୁ ଗୋଟାଏ ନବୁ ଆଉ ଗୋଟାଏ। ଦେଖିବୁ କିଲେ, ଘରେ ଓଜନ କଲେ ସେଇଟା ହେବ ଆଠଶ' । ଏଇଟା ହେଲା ଯାଦୁ, କିମିଆ, ହାତସଫେଇ।

: କେମିତି ?

: ଆରେ ତୁ ତ ପଢିନୁ ବାଦାମବାଡି ଗପ, ଜାଣିବୁ କେମିତି ?

ଫଳ କିଣୁଥିବା ଲୋକଜଣକ ଯେତିକି ଚମକିଲା ନାହିଁ ତାଠୁ ଅଧିକ ଚମକିଲି ମୁଁ, ଖୁସି ବି ଲାଗିଲା। କାରଣ 'ବାଦାମବାଡି କା ଯାଦୁ' ଗପ ପଢିଥିବା ଲୋକଟି ଜାଣିନଥିଲା ଲେଖାଟି କାହାର। କିନ୍ତୁ ମୁଁ ଜାଣିଥିଲି ଲେଖାଟି ମୋ'ର। ଅଜଣା ମଣିଷଟି ଭାବରେ ମୁଁ ସେ ଭଦ୍ରଲୋକଙ୍କୁ ପଚାରିଲି - ମଉସା, ବାଦାମବାଡି ଗପ କିଏ ଲେଖିଥିଲେ ? ମୋ ପ୍ରଶ୍ନ ପ୍ରତି ଆଦୌ ଗୁରୁତ୍ୱ ନଦେଲା ପରି ଭଦ୍ରଲୋକ ଜଣକ ଅନ୍ୟମନସ୍କ ପରି କହିଲେ - ସମ୍ବାଦ ଖବରକାଗଜରେ ବାହାରିଥିଲା ପଢିଚି, ହେଲେ କିଏ ଜଣେ ଲେଖିଥିଲେ ମନେ ନାହିଁ।

ସେମାନେ ଫଳ କିଣି ଚାଲିଗଲେ। ମୋ ବନ୍ଧୁ ଜଣକ ପଚାରିଲେ - 'ବାଦାମବାଡି ଗପ' କ'ଣ କିରେ ? ମୁଁ ତାଙ୍କୁ ମୋ ଗପଟି ବିଷୟରେ କହିଲି। ସେ ମଧ୍ୟ ପଢିନଥିଲେ। ବନ୍ଧୁଙ୍କୁ ଗପ ବିଷୟରେ କହିଲି -ଆରେ ଜଣେ ଗାଉଁଲି ବୁଢାଲୋକ ବାଦାମବାଡିରୁ ଫଳକିଣି କଳାଜରିରେ ବାନ୍ଧି ତରତରରେ ବସକୁ ଉଠିଆସି ବସ୍ ଭିତରେ ଦେଖନ୍ତି ରେଭେନ୍ସାରେ ପଢୁଥିବା ତାଙ୍କର ଜଣେ ନାତିଟୋକା ସେଇ ଗାଁ ବସରେ ବସିଛନ୍ତି। ଏକା ଗାଁର । ବସରେ ଭିଡ, ଜାଗା ନାହିଁ । ନାତି ଜେଜକୁ ଦେଖି ନିଜ ସିଟ୍ ଛାଡିଦେଲା ଏବଂ ବୁଢା ହାତରେ କଳା ଜରି ପାକେଟକୁ ଦେଖି ପଚାରିଲା - ଜେଜେ କ'ଣ ଜେଜିମା ପାଇଁ ଫଳ କିଣିଲକି ? ବୁଢା କହିଲା ହଁ ରେ, ତୋ ଜେଜିମା ବାଧିକିଚି ତ। ଏଠି ଭଲ ଫଳ ଦେଖିଲି କିଲେ କିଣି ଆଣିଲି। ନାତି ଥଟ୍ଟା କରି କହିଲା - ବଢିଆ। ହେଲେ ଜେଜେ ମୁଁ ଗୋଟାଏ ଯାଦୁ କରିବି ଦେଖିବ। ବୁଢା କହିଲା - କି ଯାଦୁ ? ନାତି କହିଲା ଏଇ ଗୋଟିଏ ଯାଦୁ ଆଉ। ମୁଁ ଏମିତି ଯାଦୁ ଜାଣିଛି ଯେ,ଏତକ କହି ଆଖିକୁ ମିଟିମିଟ୍ କରି ଯାଦୁକର ପରି ଫଳ ଜରି ଉପରେ ହାତବୁଲେଇ ଆଣିଲା। କହିଲା ଜେଜେ ଏଥର ତମ ଫଳଜରି ଖୋଲି ଦେଖିଲ। ବୁଢା ଖୋଲି ଦେଖିଲା ପରେ କପାଳରେ ହାତପିଟି ଦେଲା। ମୁଁ ବାଛିବାଛି ଭଲ ଫଳ ଦେଖି କିଣିଲି,ଏ କ'ଣ ସବୁ ପଚା ? କି ଯାଦୁ କଲୁ କିରେ ? ନାତି କହିଲା ଖାଲି ଏତିକି ନୁହେଁ ଜେଜେ ତମେ କିଲେ ଫଳ କିଣିଚ ତ ଏବେ ଦେଖିବ ଏଇଟା ଆଠଶ' ହେଇଥିବ । ବୁଢା ଆଖିକି ମଥାରେ ଖୋସି ଦେଇ ପଚାରିଲା - ଏସବୁ କ'ଣ କିରେ ? ନାତି କହିଲା ଇଏ ପରା ବାଦାମବାଡି କା ଯାଦୁ। ଆଜି ଯାକୁ ଘରକୁ ନେଇ ଦେଖିବ ଜେଜିମା ତ ଖାଇବ ନାହିଁ ତମ ମୁହଁକୁ ଫୋପାଡିବ ।

> ଅଜଣା ମଣିଷଟି ଭାବରେ ମୁଁ ସେ ଭଦ୍ରଲୋକଙ୍କୁ ପଚାରିଲି - ମଉସା, ବାଦାମବାଡି ଗପ କିଏ ଲେଖିଥିଲେ ? ମୋ ପ୍ରଶ୍ନ ପ୍ରତି ଆଦୌ ଗୁରୁତ୍ୱ ନଦେଲା ପରି ଭଦ୍ରଲୋକ ଜଣକ ଅନ୍ୟମନସ୍କ ପରି କହିଲେ - ପଢିଚି, ହେଲେ କିଏ ଜଣେ ଲେଖିଥିଲେ ମନେ ନାହିଁ।

ପାଠକ ଜଣକ କିଏ ସେଦିନ ତାଙ୍କ ଠିକଣା ବି ପଚାରି ନାହିଁ। ସେ ଗପର ଲେଖକ କିଏ ଜାଣିବାକୁ ଆଗ୍ରହ ବି କରି ନାହାନ୍ତି। ମୋତେ ଲାଗିଲା ଉଭୟ ଦିଗରୁ ଘଟଣା ଠିକ୍ ଅଛି। ପାଠକ ଲେଖାଟିଏ ପଢିଲା, ଲେଖା ଦ୍ୱାରା ମନେରହିବା ପରି କିଛି କଥା ପାଇଲା ତ ଆଉ ଅଧିକ କ'ଣ ଆବଶ୍ୟକ ! ସାହିତ୍ୟ ସେତିକିରେ ରହୁ। ଏମିତିରେ ପାଠକ ସମୟ ଦେଇ ଖରାପ ଲେଖାଟିଏ ପଢି କ'ଣ ଯାଇ ଲେଖକକୁ ଖୋଜି ନିଜ ମନର କ୍ଷୋଭ ଜଣାଇଥାଏ କି ? ଅପରପକ୍ଷରେ ସ୍ରଷ୍ଟାଟିଏ ପ୍ରତ୍ୟାଶା ନରଖି କୌଣସି ଅଚିହ୍ନା ଅଜଣା ପାଠକ ପାଖରୁ ଏତିକି ପାଇଲା ତ ଭାଗ୍ୟର କଥା। ଦୃଶ୍ୟରେ ହେଉ କି ଅଦୃଶ୍ୟରେ ହେଉ ପାଠକ ଓ ସ୍ରଷ୍ଟାର ଭାବନାର, ବିଚାରର ମିଳନ ହିଁ ଲେଖାର ସାର୍ଥକତା ଭାବରେ ନିଆଯାଇ ପାରିବ। ଆଉ କାହାର କିଛି ହେଉ କି ନହେଉ ନିଜ ସ୍ରଷ୍ଟାପଣିଆ ଉପରେ ସ୍ରଷ୍ଟାର ବିଶ୍ୱାସ ତ ଦୃଢ଼ ହୁଏ । ବାସ୍ କଥା ଏତିକି।



**ପ୍ରିୟ ପାଠକ**

♥ ବନ୍ଧପଡା, ମଦନପୁର, କେନ୍ଦ୍ରାପଡ଼ା
(ମୋ) :୮୯୧୭୩୭୦୨୨୭

---

## ପଢିବା ପରେ...

# ମନନଶୀଳତାର ଅନନ୍ୟ ଅଭିବ୍ୟକ୍ତି : ସୁରେଶ ନାୟକଙ୍କ 'ମିଳିତ ମୃତ୍ୟୁ'

ସବୁ ଚାକଚକ୍ୟ ଆବରଣ ତଳେ କାହିଁ କେବେଠାରୁ ମରିସାରିଛି ମାନବିକତା, ସବୁ ବାସ୍ତବତାର ଗଣ୍ଡି ଭିତରେ କାହିଁ କେବେଠାରୁ ହଜି ଗଲାଣି ଆବେଗମୟତା। ସ୍ୱପ୍ନ ଦେଖିବା ହେଲାଣି ଅପରାଧ । ଜୀବନ, ସମ୍ପର୍କ, ଈଶ୍ୱର, ବ୍ୟକ୍ତି ସ୍ୱାଧୀନତା, ଗ୍ଲାନି ଓ ବିଦ୍ରୋହ ସବୁ ଗୋଟେ ଗୋଟେ ପ୍ରାଣହୀନ ସତ୍ତା । 'ମିଳିତ ମୃତ୍ୟୁ' ଜମା ବି ସହଜ ଉଚ୍ଚାରଣ ନୁହେଁ, ପ୍ରୀତିମୟ ଉଚ୍ଚାରଣ ବି ନୁହେଁ, ନୁହେଁ ବି ବଣ ଭିତରେ ଦିଅଁ ଖୋଜିବା କି ଅନ୍ଧାର ଭିତରେ ଚିତ୍ର ଆଙ୍କିବା ।

ତଥାପି ବି ସେଇ ଭାଗବଣ୍ଟା, ପ୍ରତିବାଦ, ପଟୁଆର, ତୋରଣଗଢ଼ା, ସ୍ଲୋଗାନ, ଗଢ଼ିବା, ଭାଂଗିବା, ଦୁଃଖ, ଅବସୋସ, ଭିତରେ କବିଟିଏ ଲେଖିପାରେ କବିତା, ସାଜିପାରେ ଈଶ୍ୱର ଏବଂ ମିଳିତ ମୃତ୍ୟୁର ଆଶଙ୍କା ଭିତରେ ବି ସ୍ୱପ୍ନର ନଈରେ ଭସେଇ ଦେଇପାରେ କାଗଜର ଡଙ୍ଗା, ଗଛ ମୂଳେ ପଥର ଥୋଇ ହାତଯୋଡ଼ି ସହିନିଏ ଈଶ୍ୱରଙ୍କ ହସ, ଉଜାଗର ରଖିଥାଏ ଚେତନାର ତୃତୀୟ ନୟନକୁ ।


'ମିଳିତ ମୃତ୍ୟୁ' କବି ସୁରେଶ ନାୟକଙ୍କର ଷଷ୍ଠ କବିତା ସଂକଳନ । 'ଦିଅଁ' ଠାରୁ ଆରମ୍ଭ କରି 'ବଣ', 'ଆଲାରାମ', 'ଦେବୀ', 'ସହଯାତ୍ରୀ', 'ଅଦୃଶ୍ୟ ନେମ୍‌ପ୍ଲେଟ', 'ବଳି', 'ଭୟ', 'ଘଟଣା', 'ହସ', 'କଲଭର୍ଟ', 'ପାପ', 'ପ୍ରାର୍ଥନା', 'ଗୀତ', 'ସଁବାଳୁଆ', 'ରାତି', 'ଅସଫଳ' ଯାଏ ସମୁଦାୟ ୪୦ଟି କବିତାର ଯାତ୍ରା ଭିତରେ କବି ଆରମ୍ଭ କରିଛନ୍ତି ଯେଉଁ ଉଡ଼ାଣ ତାହା 'ମିଳିତ ମୃତ୍ୟୁ'ର ହିଁ ଅବୟବ ।

ପ୍ରଥମ କବିତା ଦିଅଁରୁ କବିଙ୍କର ଯାତ୍ରା ଆରମ୍ଭ।

ଏଠି ଗଛ ମୂଳେ କେହି ଛାଡ଼ି ଯାଇଛି
ସିନ୍ଦୂର ନେସା ପଥର
ନେତ ଉଡୁଛି ଫରଫର
ମୁଁ ହାତ ଯୋଡ଼ି ପକାଉଛି
ସହି ନେଉଛି ତମର ଖ୍ୟାତି
ପ୍ରତ୍ୟକ୍ଷ ହେବା ଚଉଦକୋଣରେ ।
(ଦିଅଁ)

କବିତା ଜୀବନ ପାଇଁ ଏକ ଅନିର୍ବଚନୀୟ ଉପଲବ୍ଧି । ସମ୍ମୋହନ ଏବଂ ସମ୍ବେଦନ ଏ ଦୁଇ ଦିଗରୁ ବିଚାର କଲେ କବିତାର ଆଭିମୁଖ୍ୟ ହୋଇଥାଏ ମହିମାନ୍ୱିତ । କବି ଲେଖେ ଅନୁଭବର କଥା । ସେଇଥିପାଇଁ କବି ଗଢ଼େ, କବି ଭାଂଗେ ବି । କବିର ଚେତନାରେ ସବୁକିଛି ମଧୁମୟ । ଅମୃତମୟ ଶୂନ୍ୟତାରେ ସେ ଭରିପାରେ ପୂର୍ଣ୍ଣତାର ଅନୁଭବ । ଶାମୁକା ଗର୍ଭର ମୁକ୍ତା ସାଉଁଟିଲା ପରି ତା' ଚାରିପାଖର ଘଟଣା ଦୁର୍ଘଟଣା ଭିତରୁ ଗୋଟେଇ ଆଣିପାରେ ଚିନ୍ତା ଓ ଚେତନାର ଉପଳ। ସେମିତି କିଛି ଅନୁଭବ କବି ସୁରେଶ ନାୟକଙ୍କର ।

'ଆମେ ଯେଉଁମାନେ
ପିକ୍‌ନିକ୍ କରିବାକୁ ଯିବା
ଖୋଜିବା ବଣ କେଉଁଠି ? / ଦେଖିବା
ବଣ ବଣ ଲାଗୁଥିବା ଶୂନ୍ୟସ୍ଥାନ,
ଖରା ନିଜ କାଇଦାରେ ଥଟ୍ଟା କରୁଥିବ
ଆମ ଅସହାୟତାକୁ
ଦିନ ସରିଯାଉଥିବ । (ବଣ)
+ + + +





ଏଠି କେଉଁ ଦେବତା ପୂଜା ପାଆନ୍ତି
ମୁଁ ଜାଣେନା
ଜାଣେନା ବୋଲି ମୁଣ୍ଡ ପାତିଦିଏ
ହାତ ଯୋଡ଼ିଦିଏ ଅଦୃଶ୍ୟ ଶିଖରକୁ ।
(ସହଯାତ୍ରୀ)
+ + + +
ଏ ଆକାଶ ଚାହିଁ ରହିଛି ମୋତେ
ଏବେ ଏଠୁ ଆଉ କିଛି ଦିଶୁନି, କିଛି ଶୁଭୁନି
ଯେତିକି ଶୁଭୁଛି, ଯେତିକି ଦିଶୁଛି କେବଳ
ଦୂରରୁ କାହା କ୍ଷୀଣ ସ୍ୱରର କାକୁତି
ଗଛପତ୍ର ଫାଙ୍କରୁ କିଛି ଝାପ୍‌ସା ଆଲୁଅ ।
(ଅଦୃଶ୍ୟ)

ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି କବିତା ପୁସ୍ତକଟିରେ କବି ସୁରେଶ୍ ନାୟକ ନିଜେ ଦେଖାଯାନ୍ତି ଅନେକ ସ୍ଥାନରେ । ଆବେଗର ଆଧିପତ୍ୟ ଓ କଳ୍ପନାର ବିସ୍ତାର ଭିତରେ କବିଙ୍କର ଉପସ୍ଥିତି କବିତାକୁ କରିଦିଏ ଅନନ୍ୟ ।

'ତୋର ସବୁ ଅବିଶ୍ୱାସର ଶୀର୍ଷରେ
ମୁଁ ଠିଆରେ ଜୀବନ ।
+ + + + +
ଏବେ ମୁଁ ମୁଠେ ଅନ୍ଧାର
ଚକାମାଡ଼ି ବସିଥାଏ ନିଜ ଭିତରେ ।
+ + + + +
ସକାଳ କପାଳରେ ସିନ୍ଦୁର ନାଇ
ମୁଁ ହିଁ ବସିଛି ମୁଁ
କେବେ ଦ୍ୱିପ୍ରହର ହୋଇ ଜଳି ଉଠିବି
ଦାଉଦାଉ..... (ଅନ୍ଧାର ଚିତ୍ର)

ସୃଷ୍ଟି ସବୁବେଳେ ବିଚିତ୍ର ପୁଣି ମନୋହର । ସେଇ ବିଚିତ୍ରତା ଭିତରେ ଥାଏ ସୁନ୍ଦରତା । ସେଇଥିପାଇଁ ତ ମଣିଷ ସୁନ୍ଦର ଏବଂ ସବୁଠୁ ସୁନ୍ଦର ତାର ହସ । ଅଥଚ ଜଂଜାଳ ଆଉ ଯାତନା ଭିତରେ ମଣିଷର ହସ ସାଇତା ହୋଇ ସାରିଲାଣି ମ୍ୟୁଜିୟମରେ। ଯୋଉ ମ୍ୟୁଜିୟମ ଥାକରେ ଅସଂଖ୍ୟ ମୁଖା, ଯାହାଙ୍କୁ ଟେକିଦେଲେ ଗୋଟେ ବିକଳ କାକୁସ୍ଥ ମୁହଁ ହାତଯୋଡ଼ି କ୍ଷମା ମାଗୁଥାଏ ଅଭୟ ମୁଦ୍ରାରେ ।

'ମ୍ୟୁଜିୟମର ଅଂଧାର ଭିତରେ
ମୋର ହସଟିକକ ସାଇତା ହୋଇ ରହିଛି
+ + + +
ଏତେ ସବୁ ହସ ହସ ମୁଖା ଭିତରୁ
ମୁଁ ଚିହ୍ନି ପାରେନା / କୋଉ ହସଟା ମୋର।
+ + + +
ମୁଁ ଫେରେ ମୋର ଇତିହାସ ଭିତରକୁ
ସଂଳାପଟିଏ ହୋଇ । (ହସ)

ସମସ୍ତେ ସବୁ ଦେଖନ୍ତି କିନ୍ତୁ ସେଥିରେ ନିଜକୁ ଦେଖିବା ଏତେ ସହଜ ହୋଇନଥାଏ । କିନ୍ତୁ କବି ସୁରେଶ ନାୟକ 'ମିଳତ ମୃତ୍ୟୁ' କବିତାରେ କାବ୍ୟିକ ସତ୍ୟପାଠରେ ସ୍ୱୟଂସିଦ୍ଧ କରିଛନ୍ତି ନିଜକୁ। ତାଙ୍କର ସବୁ ରହସ୍ୟମୟତା ରହସ୍ୟଠାରୁ ଅଧିକ ଗମ୍ଭୀର । ଏହାର କାରଣ ଖୋଜୁ ଖୋଜୁ ବହିର ପୃଷ୍ଠା ସରିଯାଏ । ଏହାକୁ ନୀରବ ବିଦ୍ରୋହ କହିବାକି ? ନା କହିବା ସ୍ୱୀକାରୋକ୍ତି ?

ସୁରେଶଙ୍କ କବିତାରେ ଅନୁଭବର ପରିପକ୍ୱତା ନିଆରା ଦିଶେ । ଯୋଉଥିରେ ତାଙ୍କ ଭାବନା ସବୁ ଚିତ୍ରପଟ ପରି ଦିଶନ୍ତି ଉଜ୍ଜ୍ୱଳ । ତାଙ୍କ ଉଚ୍ଚାରଣ ସତ୍ୟ ଓ ସଶକ୍ତ ।

"କେବେ ପୁଣି ଭେଟ ହେବା ଆମେ
ମୋର ଫେରେଇ ଦେବାର ଅଛି ଯେ
ଖର୍ଚ୍ଚ କରିପାରି ନଥିବା ସମ୍ପର୍କ । (କଲଭର୍ଟ)
+ + + +
ଅନ୍ଧାର ଫର୍ଦ୍ଦେ ଯୋଡ଼ି ହୋଇ ବସିଛି ବୁଢ଼ା
ଉଚ୍ଚା ପିଣ୍ଡାରେ
କାଶି କାଶି ବେଦମ୍ । (ଭାରତ)
+ + + +
ଭୋକିଲା ହାତ ହଳେ
ଆକାଶକୁ ଚାହିଁ ଅଧିକାର ମାଗୁଛନ୍ତି
ବଂଚିବାର ହକ୍ । (ଭାରତ)
+ + + +
ପ୍ରାର୍ଥନା ଲାଗି କାହିଁକି
ଗଢାଗଲା ଏ ହାତ ! (ପ୍ରାର୍ଥନା)
+ + + +
କିଛି ମୁଖାପିନ୍ଧା
କିଛି ହିଂସ୍ର ଓ ଅହଂକାରୀ
ପନ୍ଝା ଓ ଦାନ୍ତ ଆଇଁଷିଣିଆ
ରକ୍ତରେ ଲାଲ୍ । (ଆରୋହଣ)
+ + + +
ସତରେ କେବେ ସମ୍ପର୍କମାନେ
ଭେଟଭାଟ ହୁଅନ୍ତି
ଆମ ଭଳି ଯାନିଯାତ୍ରାରେ,
ସଂଖୋଳିନେବାକୁ ଛାତଟିଏ କେଉଁଠି
ଟଙ୍ଗା ଯାଇଥାଏ ପାହାଡ ଉପରେ ?
(ଗୋପନ)

ବିବିଧ ମନନଶୀଳତାର ଅନନ୍ୟ ଅଭିବ୍ୟକ୍ତିରେ ଭରା କବିତା ସମଗ୍ର । ଜୀବନର ସାର ଓ ଅସାର ତତ୍ତ୍ୱକୁ ଖୋଜିଲା ବେଳେ ମନେହୋଇଛି ଜୀବନ ପ୍ରତି ବୀତସ୍ପୃହତାର ଉଚ୍ଚାରଣ ଘଟୁଥିଲେ ବି ଜୀବନ ସହ କବିର ଏକ ଅଦ୍ଭୁତ ଅନ୍ତରଂଗ ବୁଝାମଣା ମଧ୍ୟ ଏଥିରେ ଅଛି। ସେଇଥିପାଇଁ କବି ସୁରେଶ ନାୟକ ଲେଖଛନ୍ତି-

ତମେ କେବେ ଠିଆ ହୋଇଛ
ଯୁଦ୍ଧ ଭୂମିରେ !
ହାରିଯାଇ ଥିବା ଲୋକ ସପକ୍ଷରେ
କରତାଳି ଦେବାକୁ ।
ମୁଁ ସେଇ ଲୋକ
ଯିଏ ହାରିବାର ଭାଗ୍ୟ ସାଥେ ଉତ୍‌ବସ୍
ଦିନର ସବୁ ଅନ୍ଧାର ଗୋଟାଇ
ଉଠି ଆସିଛି ସନ୍ତର୍ପଣରେ ଗମ୍ଭିରୀ ଘରକୁ
ମନ୍ତ୍ରୋଚ୍ଚାରଣରେ
ଜାଗ୍ରତ କରିଛି ଈଶ୍ୱରଙ୍କୁ । (ସଉଦା)

ମୋଟ ଉପରେ କହିବାକୁ ଗଲେ କବି ସୁରେଶ ନାୟକଙ୍କ କବିତାରେ ଉକ୍ତିର ସ୍ୱଚ୍ଛତା, ଭାବରେ ଗାମ୍ଭୀର୍ଯ୍ୟମୟ ଉଚ୍ଚତା ଏବଂ ପରିପ୍ରକାଶ ମୂଳରେ ଯେ ରହିଛି ଅନୁଭବର ସାନ୍ଦ୍ରତା ଏହା ନିଃସନ୍ଦେହରେ ସ୍ୱୀକାର କରିବାକୁ ପଡ଼େ । ସୁରେଶଙ୍କ 'ମିଳିତ ମୃତ୍ୟୁ'ରେ ରହିଛି ଯେଉଁ ନିରାଡ଼ମ୍ବର ଶବ୍ଦର ପଟୁଆର ତାହା କବିଙ୍କୁ ଆଗକୁ ଯିବାକୁ ନିଶ୍ଚିତ ଭାବେ ପ୍ରେରିତ କରିବ, ଏହା ନିଃସନ୍ଦେହ ।

ସେଇଥିପାଇଁ ତ ସଫଳ ଅସଫଳତା ମଝିରେ ନିଜକୁ ନିଜର ପ୍ରତିଦ୍ୱନ୍ଦ୍ୱୀ କରି ଠିଆ କରାଇଥିବା କବି ଘର ଭିତରେ ଉଇହୁଙ୍କା ଖୋଜୁ ଖୋଜୁ କବି ଲେଖିପାରନ୍ତି-

ଭାଙ୍ଗି ଭାଙ୍ଗି,
ତରଳି ବାଷ୍ପ ହୁଏ ମୋ ଅହଙ୍କାର ଯେବେ
ସଫଳତା ଶିଡ଼ି ଚଢ଼ି ଚଢ଼ି
ଶେଷ ପହିରେ ଠିଆ ହୋଇ, ବିଜୟ ଗର୍ବରେ
ଖୋଲି ଦେଖେ ତମ ଦସ୍ତଖତରେ
ମୋ ପ୍ରମାଣପତ୍ର
ପୃଥିବୀର ମୁଁ ସର୍ବଶ୍ରେଷ୍ଠ ବିଫଳ ନାୟକ ।
(ଅସଫଳ)

ସୁନ୍ଦର ପ୍ରଚ୍ଛଦ ଓ ସ୍ୱଚ୍ଛ ପରିପାଟୀ 'ମିଳିତ ମୃତ୍ୟୁ' କବିତା ସଂକଳନଟିକୁ କରିଛ ଗରିମାଦୀପ୍ତ। କବିତା ଗୁଡ଼ିକ ମୁଖପାଠ୍ୟ ଓ ପାଠକର ହୃଦତନ୍ତ୍ରୀରେ ତଲ୍ଲୀନ ହେବାର ପ୍ରତୀକ୍ଷା ରଖେ ।




♥ ଆଲୋଚନା :
ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ
ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

---

## ଆଲୋଚନା

# ଶବ୍ଦବାଦ ଓ ଶୈଳୀତତ୍ତ୍ୱ





ପୃଥିବୀରେ ଘଟୁଥିବା ଅଧିକାଂଶ ଘଟଣା ଗତାନୁଗତିକ। କେବେ କେମିତି ତା ଭିତରେ ନୂତନତାର ସ୍ଫୁରଣ ଘଟିଥାଏ ଆଉ ଜନମାନସକୁ ଚକିତ କରିଥାଏ। ସାହିତ୍ୟ ବି ସେମିତି ପୁରୁଣା ହୋଇ ଗଲାଣି। ଏଥିରେ ଶୈଳୀତତ୍ତ୍ୱ ହିଁ ତାକୁ ପ୍ରଦାନ କରିଥାଏ ନୂତନ ଜୀବନତତ୍ତ୍ୱ। ଏ କଥା କୁହନ୍ତି 'ଶବ୍ଦଘର'ର କୁଶଳୀ କାରିଗର ବରିଷ୍ଠ କବି ଓ ସମାଲୋଚକ ନକୁଳ ଚନ୍ଦ୍ର ସାହୁ। କେବଳ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ତାଙ୍କର ଆଠଗୋଟି ସମାଲୋଚନା ପୁସ୍ତକ ପ୍ରକାଶିତ, ତନ୍ମଧ୍ୟରୁ କାବ୍ୟଲୋକ ଦ୍ୱାରା ପ୍ରକାଶିତ 'ଶବ୍ଦବାଦ ଓ ଶୈଳୀତତ୍ତ୍ୱ' ହିଁ ଅର୍ଥ ନୂଆ ଗ୍ରନ୍ଥ। ଇତିହାସ ପୃଷ୍ଠାରୁ ଆମେ ଫାସିବାଦ ଶବ୍ଦ ସହ ପରିଚିତ ଥିଲେ। ସାମ୍ପ୍ରତିକ ସମୟରେ ଆତଙ୍କବାଦ, ନାରୀବାଦ ଇତ୍ୟାଦି ଶବ୍ଦ ବହୁଚର୍ଚ୍ଚିତ। କିନ୍ତୁ ସାହିତ୍ୟକୁ ନେଇ ନୂତନ ଶବ୍ଦ 'ଶବ୍ଦବାଦ'ର ପ୍ରଚଳନ ଓଡ଼ିଆ ସାହିତ୍ୟରେ ନୂତନ ପରୀକ୍ଷା ନିଶ୍ଚୟ ଆଉ ଏହା ଉପରେ ଗୋଟିଏ ଗ୍ରନ୍ଥ ଲେଖିବା ଶ୍ରୀଯୁକ୍ତ ସାହୁଙ୍କ ଅନନ୍ୟ ସୃଜନୀ ଶକ୍ତିର ପରିଚୟ।

ଶବ୍ଦବାଦ ଏକ ଅତ୍ୟାଧୁନିକ ism ବା ବାଦ ଯାହା ସାହିତ୍ୟକୁ ଦେଇଥାଏ ନୂତନ ରୂପ। ଭାଷାକୁ ସୌନ୍ଦର୍ଯ୍ୟଦୀପ୍ତ କରିଥାଏ ସ୍ରଷ୍ଟାର ଶୈଳୀ। ପ୍ରକାଶଭଙ୍ଗୀରେ ନୂତନତା ନଥିଲେ ବା ଲେଖାର ଶୈଳୀ ପାଠକକୁ ସୁଖକର ନହେଲେ ସେ ସ୍ରଷ୍ଟା ଓ ସୃଷ୍ଟି ଉଭୟଙ୍କୁ ଡଷ୍ଟବିନ୍‌କୁ ଫିଙ୍ଗିଦିଏ। ପାଠକ ପାଖରେ ଏତେ ସମୟ ନାହିଁ ସେ କୋଉ ସ୍ରଷ୍ଟାର ଅରୁଚିକର ସୃଷ୍ଟିକୁ ହଜମ କରିବାକୁ ପ୍ରୟାସ କରିବ, ବରଂ ଫାଷ୍ଟ୍ ଫୁଡ୍ ଯୁଗରେ ସେ ନିଜର ରୁଚି ବଦଳେଇ ଦେବ। ତା ବି ଘଟୁଛି। ସାମାଜିକ ଗଣମାଧ୍ୟମରେ ନିୟମିତ ଲେଖା ଯାଉଥିବା ସାହିତ୍ୟ ଆଉ ନିୟମିତ ପ୍ରକାଶିତ ହେଉଥିବା ବହି ମାନଙ୍କର ଭାଗ୍ୟ ଆଜି କୋଉଠି, ଏବେ ବିଚାର କରିବାର ସମୟ ।

ଅତ୍ୟାଧୁନିକ ଶବ୍ଦବାଦୀ ଶବ୍ଦକୁ ଛାଡ଼ି ମୁହୂର୍ତ୍ତେ ବଞ୍ଚି ପାରିବନି। ଶବ୍ଦ, ଜଣେ ଲେଖକ ବା କବିର ସମ୍ପଦ। ତା'ର ପ୍ରକାଶଭଙ୍ଗୀ ଯେତିକି ଅକୃତ୍ରିମ, ବିକାଶଶୀଳ ହେବ ତାହା ପାଠକକୁ ଦ୍ରବୀଭୂତ କରିବ, ତା ହୃଦୟରେ ଆସ୍ଥାନ ଜମେଇବ। ଅନୁଭବକୁ ଜୀବନ୍ତ କରାଇବା କାମ ହେଲା ଶବ୍ଦର। ସେ ଶବ୍ଦକୁ କା ହୃଦୟରେ ଛାପିବା ହେଉଛି ଶୈଳୀର କାମ। ଲେଖକଙ୍କ ଭାଷାରେ ଶବ୍ଦ ହିଁ ଗୋଟିଏ ଅର୍ଥକୁ କମ୍ୟୁନିକେଟ୍ କରେ। ଶବ୍ଦ ସଠିକ୍ ଭାବରେ ପ୍ରକାଶ କରିଥାଏ ଭାବାବେଗ। ମାନବ ଜୀବନରେ ଶବ୍ଦମାନଙ୍କର ମୁଖ୍ୟକାର୍ଯ୍ୟ ହେଲା 'ଟୁ କମ୍ୟୁନିକେଟ୍' ଆଉ ଲେଖକର କାର୍ଯ୍ୟ ହେଲା ତା'ର ଉପଯୁକ୍ତ ବସାଣ।

ବହିଟିରେ ସମୁଦାୟ ତେର ଗୋଟି ଚମତ୍କାର ଆଉ ଉପାଦେୟ ଆଲୋଚନା ରହିଛି କେବଳ ସାହିତ୍ୟକୁ ନେଇ। ପ୍ରଥମ ଚାରୋଟି ଅଧ୍ୟାୟ ଶବ୍ଦବାଦ ଓ ଶୈଳୀତତ୍ତ୍ୱକୁ ନେଇ ରହିଛି। ଯଥା ଶବ୍ଦବାଦ, ଶବ୍ଦବାଦ ଓ ଶୈଳୀତତ୍ତ୍ୱ, ଶୈଳୀତତ୍ତ୍ୱ ୧, ଶୈଳୀ ତତ୍ତ୍ୱ ୨। ପରବର୍ତ୍ତୀ ଦୁଇଟି ଆଲୋଚନା ଗଦ୍ୟତତ୍ତ୍ୱକୁ ନେଇ ସମୃଦ୍ଧ। ଗଦ୍ୟକୁ ନେଇ ତାଙ୍କର ଭାବନା ସୁସ୍ପଷ୍ଟ। ଲେଖକଙ୍କ ଭାଷାରେ ଗଦ୍ୟରେ ନାନ୍ଦନିକ ପରିତୃପ୍ତି ଥାଏ ବିଶୁଦ୍ଧ। ତାକୁ ଶସ୍ତା କରିବା ଅର୍ଥ ସାହିତ୍ୟକୁ ହତ୍ୟା କରିବା ଯୋଜନା ସହ ସମାନ। ତାଙ୍କର ଏଇ ଧାଡ଼ି ଲେଖକର ସମାଜ ପ୍ରତିଥିବା ଦାୟିତ୍ୱବୋଧକୁ ସୂଚାଇ ଥାଏ। ଗତାନୁଗତିକ, ଦୁର୍ବୋଧ ସାହିତ୍ୟ ପ୍ରତି ତାଙ୍କ ମନରେ ରହିଛି ଅନେକ କ୍ଷୋଭ।

ରେନେସାଁର ବୈପ୍ଲବିକ ପରିବର୍ତ୍ତନ ପରଠାରୁ ବିଶ୍ୱ ସାହିତ୍ୟ ବଜାରରେ ସାହିତ୍ୟ କ୍ରୟ ବିକ୍ରୟ ଅବସ୍ଥା ମାନ୍ଦା ରହିଛି। କବିତାର ନୂଆ ବଜାରରେ ଉଚ୍ଚ ଶିକ୍ଷିତ ଆଉ ଧନାଢ୍ୟ ବ୍ୟକ୍ତିଙ୍କ ଭିଡ଼ ଜମି ଆସିଛି। ଯେଉଁଥି ପାଇଁ ଖାଉଟି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖଣ୍ଡିଏ ଜିଭଛେଲାର ଯେଉଁ ମୂଲ୍ୟ ରହିଛି, ଖଣ୍ଡିଏ କବିତା ବହିର ସେହି ଆବଶ୍ୟକତା ଓ ମୂଲ୍ୟ ଆଜି କାହିଁ ? ବୋଲି ସେ ପ୍ରଶ୍ନ ରଖିଛନ୍ତି।

ଶବ୍ଦବାଦ ବାଦ୍ କବିତା,ଗଳ୍ପ, ନାଟ୍ୟ ସାହିତ୍ୟ ଏବଂ ସାହିତ୍ୟରେ ସୌନ୍ଦର୍ଯ୍ୟତତ୍ତ୍ୱକୁ ନେଇ ଅନେକ ରସପୂର୍ଣ୍ଣ ଆଲୋଚନା ରହିଛି। ଶେଷ ଅଧ୍ୟାୟ ସମାଲୋଚନାବାଦ ଓ ସାହିତ୍ୟ ସମାଲୋଚନାର ଇତିହାସରେ ସମୃଦ୍ଧ।

ମୋଟାମୋଟି ଭାବରେ କହିବାକୁ ଗଲେ ଅନେକ ବିସ୍ମୟକର, ଉପାଦେୟ, ତଥ୍ୟପୂର୍ଣ୍ଣ ଆଉ ମୌଳିକ ଆଲୋଚନାରେ ଗ୍ରନ୍ଥଟି ସମୃଦ୍ଧ। ଏହାର ପ୍ରକାଶଭଙ୍ଗୀ ଯେତିକି ଆଧୁନିକ ସେତିକି ସମକାଳୀନ। ଓଡ଼ିଆ ସାହିତ୍ୟ ସହ ପରିଚିତ ପ୍ରତ୍ୟେକ ଶବ୍ଦଶିଳ୍ପୀଙ୍କ ପାଇଁ ଏ ବହିର ଯଥେଷ୍ଟ ଆବଶ୍ୟକତା ରହିଛି, ଏହା ନିଃସନ୍ଦେହ।



♥ ସମୀକ୍ଷା :
ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
(ମୋ) :୯୪୩୭୪୬୮୦୧୬

# ଅପରାଜେୟ ନନ୍ଦିନୀ

ତପନ କୁମାର ପାଳ



ଓଡ଼ିଶାର ସୁପ୍ରସିଦ୍ଧ ପିତା-ପୁତ୍ରୀଙ୍କ ମଧ୍ୟରେ ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଆମ ରାଜ୍ୟର ପ୍ରଥମ ତଥା ଅଦ୍ୟାବଧି ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଅନ୍ୟତମ। କାଳିନ୍ଦୀ ଚରଣଙ୍କ ଉପଯୁକ୍ତ ଦାୟାଦ ଥିଲେ କନ୍ୟା ନନ୍ଦିନୀ। ପିତାଙ୍କ ଗୁଣ ଦ୍ୱାରା ଶୈଶବ ଆଲୋକିତ ହୋଇଥିଲା। ତେବେ ସର୍ବାଧିକ ପ୍ରଭାବିତ ହୋଇଥିଲେ କକେଇ ଭଗବତୀ ଚରଣଙ୍କ ଦ୍ୱାରା। ଜୁନ ୯, ୧୯୩୧ ମସିହାରେ କଟକ



ପିଠାପୁରରେ ଜନ୍ମ ଗ୍ରହଣ ଓ ପିଲାଦିନ କଟିଥିଲା ତାଙ୍କର। ଛାତ୍ର ଜୀବନରୁ ଦେଶକଥା ଭାବୁଥିଲେ। ଅନ୍ୟାୟ ଅତ୍ୟାଚାର ହେଉକି ବ୍ରିଟିଶ ଶାସନର ଶୋଷଣକଷଣ ସବୁଠି ଶୁଭୁଥିଲା ତାଙ୍କ ସ୍ୱର। ସେ ହେଉଛନ୍ତି ଅପରାଜେୟ ନନ୍ଦିନୀ। ମାଟିର ନନ୍ଦିନୀ, ଅଗ୍ନିକନ୍ୟା ନନ୍ଦିନୀ। ଦେଶର ଦ୍ୱିତୀୟ ଓ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ନିର୍ଭିକତା, ସାହସିକତା, ଦାମ୍ଭିକତା ଓ ସ୍ପଷ୍ଟବାଦିତା ଥିଲା ତାଙ୍କ ସମଗ୍ର ଜୀବନର ଅଂଶବିଶେଷ। ସାଲିସ୍ ବିହିନ ରାଜନୀତି, କାଳଜୟୀ ସାହିତ୍ୟ, ସମାଜସେବା ଓ ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ସେ ଓଡ଼ିଶା ଜନମାନସରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି। ବାପା କାଳନ୍ଦୀଚରଣ ପାଣିଗ୍ରାହୀ ଓ କକା ଭାଗବତୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟ ଓ ରାଜନୀତି ପିଲାଟି ଦିନରୁ ନନ୍ଦିନୀଙ୍କୁ ପ୍ରଭାବିତ କରିଥିଲା। ଭାଗବତୀ ଚରଣ ଓଡ଼ିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ଥିଲେ। ୧୯୫୧ ମସିହାରେ ନନ୍ଦିନୀ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍‌ଏ ପାସ କଲାପରେ କମ୍ୟୁନିଷ୍ଟ ପାର୍ଟିର ଛାତ୍ର ଶାଖା ସକ୍ରିୟ ସାମିଲ ଥିଲେ। ତାଙ୍କ ନେତୃତ୍ୱରେ କଲେଜରେ ଫି ବୃଦ୍ଧି ବିରୋଧରେ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଜାତୀୟ ଯୁବ ଆନ୍ଦୋଳନର ସୂତ୍ରପାତ କରିଥିଲା। ପୋଲିସ୍ ଲାଠି ଚାର୍ଜ ଓ ଜେଲକୁ ଖାତିର ନଥିଲା ତାଙ୍କର। ଜେଲ୍‌ରେ ବନ୍ଦୀଥିବା ଛାତ୍ର ସଂଘ ନେତା ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରିଥିଲେ। ୧୯୬୨ ମସିହାରେ ସଂଖ୍ୟାଗରିଷ୍ଠ କଂଗ୍ରେସ ପାର୍ଟି ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା। ସେତେବେଳେ ଜାତୀୟ ରାଜନୀତିରେ ମହିଳା ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଉଥିଲା। ବିଜୁ ବାବୁ ନନ୍ଦିନୀ ଦେବୀଙ୍କୁ ପ୍ରଥମ କରି ରାଜ୍ୟସଭାକୁ ପଠାଇଥିଲେ। ନନ୍ଦିନୀଙ୍କ କାର୍ଯ୍ୟଦକ୍ଷତାକୁ ଇନ୍ଦିରା ଗାନ୍ଧୀ ପ୍ରଶଂସା କରିବା ସହିତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଥିଲେ। ୧୯୭୨ରେ ସୂଚନା ଓ ପ୍ରସାରଣ ଉପମନ୍ତ୍ରୀ ଥିବାବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ଓଡ଼ିଶା ରାଜନୀତିରେ ନୂଆ ଯୁଗ ଆରମ୍ଭ କରିଥିଲେ। କମ୍ୟୁନିଷ୍ଟ ପାର୍ଟି ଛାଡ଼ି କଂଗ୍ରେସରୁ ରାଜ୍ୟ ସଭାକୁ ଯାଇଥିବା ବାମପନ୍ଥୀଙ୍କ ନିକଟରେ ସମାଲୋଚନାର ଶରବ୍ୟ ନନ୍ଦିନୀଙ୍କ ଶାସନ କାଳରେ ଭୂସଂସ୍କାର ଆଇନ ପ୍ରଣୟନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଭୂସଂସ୍କାର ଆଇନ ବାମପନ୍ଥୀଙ୍କ ମୁହଁ ଚୁପ୍ କରି ଦେଇଥିଲା। ନନ୍ଦିନୀ କଂଗ୍ରେସକୁ ଯାଇନଥିଲେ, ଏଭଳି ଆଇନ ସମ୍ଭବ ହୋଇନଥାନ୍ତା ବୋଲି ବାମପନ୍ଥୀମାନେ ପ୍ରଶଂସା କରି କୁହନ୍ତି। ବେକାର ଯୁବତୀ ଯୁବକମାନଙ୍କ ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ଋଣ ପ୍ରଦାନ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଢେଙ୍କାନାଳର ଗୋବିନ୍ଦପୁର ସମବାୟ ସୂତାକଳ ଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଅନେକ ଛୋଟ ବଡ଼ ଶିଳ୍ପ ସଂସ୍ଥା ଗଢ଼ି ଉଠିଥିଲା। ଶିକ୍ଷକମାନଙ୍କ ନିୟମିତ ଦରମା ଓ ରେଗୁଲାର କରିବା, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ଓ ଅର୍ଥନୈତିକ ପ୍ରଗତିରେ ଗରିବ ଓ ମହିଳା ଲୋକେ ଯୋଗଦାନ ଉପରେ ଗୁରୁତ୍ୱ ଥିଲା।

ରାଜନୀତିରେ ଅପରାଜେୟ ଥିଲେ ନନ୍ଦିନୀ। କୌଣସି ନିର୍ବାଚନରେ ସେ ହାରି ନାହାନ୍ତି। ୧୯୬୨ ଓ ୧୯୬୮ ଦୁଇଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୭୨ରେ କଟକ ସଦର, ୧୯୭୭, ୧୯୮୦, ୧୯୮୫ରେ ଢେଙ୍କାନାଳ ସଦର ଓ ୧୯୯୦, ୧୯୯୫ରେ ଗଁଦିଆରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଦଳ ଓ ଚିହ୍ନ ତାଙ୍କୁ ଭୋଟ ରାଜନୀତିରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ। ୨୦୦୦ ନିର୍ବାଚନରେ ବୟସାଧିକ କାରଣରୁ ନିର୍ବାଚନ ଲଢ଼ିବାକୁ ଆଗ୍ରହ ଦେଖାଇ ନଥିଲେ। ୧୯୭୫ ଜୁନ୍ ୨୫ରୁ ୨୧ ମାର୍ଚ୍ଚ ୧୯୭୭ ଦେଶରେ ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତିରେ ନନ୍ଦିନୀ ଦେବୀ ନବକୃଷ୍ଣ ଚୌଧୁରୀ, ରାମାଦେବୀଙ୍କ ସମେତ ଅନେକ ଆନ୍ଦୋଳନକାରୀଙ୍କୁ ଜେଲରେ ଭର୍ତ୍ତି କରି ଇନ୍ଦିରା ଗାନ୍ଧୀଙ୍କ ନୀତିକାର୍ଯ୍ୟକାରୀ କରିଥିଲେ। ମୁଖ୍ୟମନ୍ତ୍ରୀ ପଦମର୍ଯ୍ୟାଦାକୁ ରକ୍ଷା କରି ପୁତ୍ରତୁଲ୍ୟ ସଞ୍ଜୟ ଗାନ୍ଧୀଙ୍କୁ ଭୁବନେଶ୍ୱର ଏୟାରପୋର୍ଟରେ ସ୍ୱାଗତ କରିବାକୁ ନାପସନ୍ଦ କରିବା ନେଇ ତାଙ୍କ ନାମରେ ଚର୍ଚ୍ଚା ଏବେ ବି ଜନମାନସରେ ରହିଛି। ଏହି ଘଟଣା ଓ ଜରୁରୀ ପରିସ୍ଥିତିକୁ ନେଇ ସେ କଂଗ୍ରେସ ହାଇକମାଣ୍ଡଙ୍କ ସମାଲୋଚନା କରି ଜଗତଜୀବନରାମ ଓ ହେମାବତୀ ନନ୍ଦନ ବହୁଗୁଣାଙ୍କ କଂଗ୍ରେସ ଫର ଡେମୋକ୍ରାସୀରେ ଯୋଗ ଦେଇଥିଲେ। ଏଥିରେ ସେ ବେଶୀ ଦିନ ରହିପାରି ନଥିଲେ। ତାଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା ଆଞ୍ଚଳିକ ଦଳ ଜାଗ୍ରତ ଓଡ଼ିଶା। ୧୯୮୦ ଓ ୧୯୮୫ ସେ ଜାଗ୍ରତ ଓଡ଼ିଶା ପାର୍ଟିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପୁନଶ୍ଚ କଂଗ୍ରେସକୁ ଫେରିବା ପାଇଁ ରାଜୀବ ଗାନ୍ଧୀଙ୍କ ଅନୁରୋଧ ରକ୍ଷା କରି ୧୯୮୯ରେ କଂଗ୍ରେସରେ ପୁନଃ ସାମିଲ ହୋଇ ଶେଷ ପର୍ଯ୍ୟନ୍ତ ରହିଥିଲେ। ରାଜନୀତି ଅପରାଜେୟ ନନ୍ଦିନୀ ସାହିତ୍ୟରେ କାଳଜୟୀ ରଚନା ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତସ୍‌ଲିମା ନସରିନ୍‌ଙ୍କ ଲଜ୍ଜା ଉପନ୍ୟାସକୁ ଓଡ଼ିଆ ଅନୁବାଦ ତାଙ୍କର ଶେଷ ସାହିତ୍ୟ ସୃଷ୍ଟି। ୧୯୯୮ରେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟ ଭାରତୀ ସମ୍ମାନ ପାଇଛନ୍ତି। ସାହିତ୍ୟ ସହିତ ସାମ୍ବାଦିକତା ପ୍ରତି ତାଙ୍କର ବିଶେଷ ରୁଚି ଥିଲା। ତାଙ୍କ ପ୍ରତିଷ୍ଠିତ ଧରିତ୍ରୀ ଖବର କାଗଜରେ ସମ୍ପାଦକୀୟ ପୃଷ୍ଠା ସହ ପ୍ରତିବାରରେ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରି ସାମ୍ବାଦିକତାରେ ପରିବର୍ତ୍ତନ ବାର୍ତ୍ତା ଦେଇଥିଲେ। ଧରିତ୍ରୀରେ ନିଜେ ପ୍ରତି ଗୁରୁବାର ଦିନ ଛଦ୍ମନାମ ବେଲାଳ ସେନ ସ୍ତମ୍ଭରେ ନିର୍ଭୀକ ଲେଖନୀ ଚାଳନା କରି ଓଡ଼ିଆ ସାମ୍ବାଦିକତାରେ ନୂତନ ଫର୍ଦ୍ଦ ଯୋଡ଼ିଥିଲେ। ଆଜି କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଦୈନିକ ଖବରକାଗଜ 'ଧରିତ୍ରୀ' ଯେଉଁ ନିର୍ଭିକତା, ସତ୍ୟବାଦୀତା ଓ ସାମ୍ବାଦିକତାରେ ସାଧୁତା ରକ୍ଷା କରିଛି ତାହା କ୍ୱଚିତ୍ ଖବରକାଗଜ କ୍ଷେତ୍ରରେ ଦେଖାଯାଇଛି। ବିଶେଷକରି ସମ୍ପାଦକ ତଥାଗତ ଶତପଥିଙ୍କ ଧରିତ୍ରୀର ସମ୍ପାଦକୀୟ ସ୍ତମ୍ଭ ଅତ୍ୟନ୍ତ ଉଚ୍ଚକୋଟୀର, ତଥ୍ୟଭିତ୍ତିକ ଓ ହୃଦୟସ୍ପର୍ଶୀ। ଓଡ଼ିଶା ଖବରକାଗଜ ଶିଳ୍ପରେ ଧରିତ୍ରୀର ସ୍ଥାନ ଅଦ୍ୱିତୀୟ। ଓଡ଼ିଶା ରାଜନୀତିରେ ନିର୍ଭିକତା, ଦୃଢ଼ ସାହସିକତା, କର୍ତ୍ତବ୍ୟନିଷ୍ଠତା ଓ ବନ୍ଧୁବତ୍ସଳତା ଗୁଣ ନନ୍ଦିନୀ ଶତପଥିଙ୍କ ଠାରେ ହିଁ ଥିଲା। ନନ୍ଦିନୀ ଦେବୀଙ୍କ ପରି ପ୍ରତିଭା ଓଡ଼ିଶା ରାଜନୀତିରେ ନିଶ୍ଚିନ୍ତ ଭାବରେ ବିରଳ। ସର୍ବଦା ସକାରାତ୍ମକ ଚିନ୍ତାଧାରା ପ୍ରତୀକ ଏହି ମହାନ ଜନନାୟିକା, ପ୍ରତିଥଯଶା ଲେଖିକା ଓ ସାମ୍ବାଦିକଙ୍କ ମହାପ୍ରୟାଣ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛି। ୨୦୦୬ ମସିହା ଅଗଷ୍ଟ ୪ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ।

♥ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୬)

### ହତାଶା ଓ ଆନନ୍ଦ

ଦୀନକୃଷ୍ଣ ମହାବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପକ ପଦବୀ ତଥାପି ପୂରଣ ହୋଇନଥାଏ। ସଂକୋଚ ଲାଗୁଥିଲେବି ଦିନେ ମନରେ ସାହସବାନ୍ଧି କଲେଜକୁ ଗଲି । ଅଧ୍ୟକ୍ଷ ପ୍ର. ମୃତ୍ୟୁଞ୍ଜୟ ଭଞ୍ଜ ଓ ବିଭାଗୀୟ ମୁଖ୍ୟ ପ୍ର.ଚିତ୍ତରଞ୍ଜନ ସାହୁଙ୍କ ସହିତ ପରାମର୍ଶକରି ମୋର ନିଯୁକ୍ତି ନିମନ୍ତେ ପରିଚାଳନା ସମିତି ବା ଜି.ବି.କୁ ଦରଖାସ୍ତ କଲି ଅଧ୍ୟକ୍ଷଙ୍କ ମାଧ୍ୟମରେ । ସେ ସଂପାଦକଙ୍କ ସହିତ ପରାମର୍ଶକରି ମୋ ଦରଖାସ୍ତକୁ ଡି.ଏଚ.ଇଙ୍କ ସଦୟ ବିଚାର ପାଇଁ ପଠାଇଲେ ।

ନିଜର ଅବିବେକୀ ପଣପାଇଁ ଅନୁଶୋଚନା କରୁଥାଏଁ ।

ଅଧ୍ୟାପକ ହେବାର ଆଜନ୍ମ ପୋଷିତ ଆଶାକୁ, ସରପଞ୍ଚ ହେବାପରେ ମିଳିଥିବା ଅଧ୍ୟାପକ ନିଯୁକ୍ତିକୁ ଅଣଦେଖାକରି ସରପଞ୍ଚ ପଦରେ କାର୍ଯ୍ୟ ଅବ୍ୟାହତ ରଖି ଧୂଳିସାତ କରିଦେଇଥିଲି । ଏଥର ଇସ୍ତଫା ନଦେବାପାଇଁ ଅଭିଜ୍ଞ ଅଧ୍ୟାପକ ବନ୍ଧୁମାନଙ୍କର ପରାମର୍ଶ ମୁଁ ଗ୍ରହଣ କଲିନି, ଇସ୍ତଫାଦେବା ପୂର୍ବରୁ ଭୋଟର ତାଲିକାରେ ମୋ ନାମ ଅଛିକିନା ଦେଖିଲିନି; ସେମାନେ ମୋର ହିତୈଷୀ ବୋଲି ଗାଆଁର ତଥାକଥିତ କେତେକ ବନ୍ଧୁଙ୍କ ଛଳନା ପୂର୍ଣ୍ଣ କଥାକୁ ବିଶ୍ୱାସ କଲି, ମଣିଷ ଚିହ୍ନି ପାରିଲିନି ଏବଂ ସର୍ବୋପରି ମୋର ଆର୍ଥିକ ଦୁର୍ଗତି ଓ ଇସ୍ତଫାର ପରବର୍ତ୍ତୀ ପରିଣାମ ସଂପର୍କରେ ବିଚାର ନକରି ନିଶ୍ଚିତ ଆୟର ମାଧ୍ୟମକୁ ହରାଇ ବେକାର ହୋଇଗଲି । ମାନସିକ ଦୁଃଶ୍ଚିନ୍ତା ବୃଦ୍ଧି ପାଉଥାଏ। ସେହି ସମୟରେ କେହିକେହି ମୋ ପାଖକୁ ଆସି ସାନ୍ତ୍ୱନା ଦେଲେ ମୁଁ ସେମାନଙ୍କ ଉପରେ ବିରକ୍ତ ହେଉଥାଏ । ତେଣୁ, କାହାରିକୁ କିଛି ନକହି ଦିନେଦିନେ ଅପରାହ୍ନରେ ସୁବର୍ଣ୍ଣରେଖା ନଦୀକୂଳକୁ ଯାଇ ନିଛାଟିଆ ସ୍ଥାନରେ ବସେ, ଲୁହ ଗଡ଼ାଏ ଓ ପଥ ନିର୍ଦ୍ଦେଶପାଇଁ ମାଆଙ୍କ ଶରଣାପନ୍ନ ହୁଏ ।

ଦୀନକୃଷ୍ଣ ମହାବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପକ ପଦବୀ ତଥାପି ପୂରଣ ହୋଇନଥାଏ। ସଂକୋଚ ଲାଗୁଥିଲେବି ଦିନେ ମନରେ ସାହସବାନ୍ଧି କଲେଜକୁ ଗଲି । ଅଧ୍ୟକ୍ଷ ପ୍ର. ମୃତ୍ୟୁଞ୍ଜୟ ଭଞ୍ଜ ଓ ବିଭାଗୀୟ ମୁଖ୍ୟ ପ୍ର.ଚିତ୍ତରଞ୍ଜନ ସାହୁଙ୍କ ସହିତ ପରାମର୍ଶକରି ମୋର ନିଯୁକ୍ତି ନିମନ୍ତେ ପରିଚାଳନା ସମିତି ବା ଜି.ବି.କୁ ଦରଖାସ୍ତ କଲି ଅଧ୍ୟକ୍ଷଙ୍କ ମାଧ୍ୟମରେ । ସେ ସଂପାଦକଙ୍କ ସହିତ ପରାମର୍ଶକରି ମୋ ଦରଖାସ୍ତକୁ ଡି.ଏଚ.ଇଙ୍କ ସଦୟ ବିଚାର ପାଇଁ ପଠାଇଲେ ।

ପ୍ରାୟ ମାସେପରେ ଉତ୍ତର ଆସିଲା। ସାକ୍ଷାତ୍ କାର କରାଇ ସଫଳ ଅଂଶଗ୍ରହଣକାରୀଙ୍କୁ ନିଯୁକ୍ତି ଦେବା ନିମନ୍ତେ ଆଦେଶ ଦେଲେ । ପରିଚାଳନା ସମିତି ଅଧ୍ୟାପକ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କଲେ । ମୁଁ ଦରଖାସ୍ତ କଲି ଓ ସାକ୍ଷାତକାରରେ ମନୋନୀତ ହେଲି । ନିଯୁକ୍ତିପତ୍ର ମିଳିଲା । ମୁଁ ୦୨ ଅଗଷ୍ଟ,୧୯୭୧ ମସିହା ଦିନ ଅଧ୍ୟାପକ ଭାବରେ ଯୋଗଦାନ କଲି । ମନରେ ଆନନ୍ଦର ଲହରୀ ଖେଳିଗଲା । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ରେମତୀ ଓ ବାସୁଦେବ : ପ୍ରେମ ଓ କାରୁଣ୍ୟର ଦୁଇନଦୀ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଫକୀରମୋହନ 'ରେବତୀ' ଗଳ୍ପରେ ଯେଉଁ ଅନ୍ତରୀଣ ପ୍ରେମାନୁଭୂତିକୁ ପ୍ରଦାନ କରିଛନ୍ତି ସୌନ୍ଦର୍ଯ୍ୟ ପୂର୍ଣ୍ଣ ଓ କାରୁଣ୍ୟମୟ ଭାବରେ ତାହାକୁ ବିଶ୍ଳେଷଣ କରିବା ସହଜ ବ୍ୟାପାର ନୁହେଁ । ବାସ୍ତବ କଥା ହେଲା କୋଡ଼ିଏ ବର୍ଷ ବୟସର ବାସୁଦେବ ଯେଉଁ ଉପାଦାନରେ ହୋଇଛି ନିର୍ମିତ ତାହାକୁ ଯିଏ ବି ଦେଖିବା ମାତ୍ରକେ ମୁହୂର୍ତ୍ତକରେ ତାର ହୃଦୟ ସଂଯୁକ୍ତ ହୋଇଯିବ ତା' ସହିତ । ଶ୍ୟାମବନ୍ଧୁ ଏଭଳି ଏକ ଶିକ୍ଷକ ତାଙ୍କ ଗାଁକୁ ଆଗମନ କରିବେ ବୋଲି ଭାବିପାରି ନଥିବେ ନିଶ୍ଚୟ। ତେବେ ବାସୁଦେବକୁ ଦେଖିବା ମାତ୍ରକେ ମାତ୍ରକେ ତାଙ୍କ ବାତ୍ସଲ୍ୟ ସ୍ନେହ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇଛି ଉଦ୍ରିତ । ଘରେ ତାଙ୍କର 'ରେବତୀ' ଭଳି କୋମଳମତି ଶିଶୁକନ୍ୟାଟିଏ ରହିଥିବା ସତ୍ତ୍ୱେ ବାସୁଦେବକୁ ଅତୁଳନୀୟ ଶ୍ରଦ୍ଧା ସହକାରେ ଘରକୁ ଡାକି ଆଣିଛନ୍ତି । ଏପରିକି ରେବତୀର ପାଠପଢ଼ା ସଂପର୍କରେ ତାଙ୍କ ସହ ପରାମର୍ଶ କରିଛନ୍ତି ଆଉ ସ୍ଥିର କରିଛନ୍ତି ଯେ ରେବତୀ କଟକରେ ପାଠ ପଢ଼ିବ । ରେବତୀର ମାଆ, ଜେଜୀମା ଏବଂ ସମଗ୍ର ଗୃହଟି- ସମସ୍ତେ ବାସୁଦେବ ପ୍ରତି ପ୍ରକଟ କରିଛନ୍ତି ସ୍ୱକୀୟ ଆନ୍ତରିକ ମମତା । ରେବତୀ ବାସୁଦେବଙ୍କୁ ଦେଖିବା ମାତ୍ରକେ ସତେ ଯେମିତି ନୂତନ ଜୀବନ ଲାଭ କରେ । ଏଭଳି ସୁକୁମାର, ବିନମ୍ର ରାଜକୁମାରଟିଏର ମଧ୍ୟ କଳ୍ପନା କରିପାରି ନଥାନ୍ତା ରେବତୀ । ସେ ବାସୁଦେବଙ୍କ ଆସିବା ବାଟକୁ ଚାହିଁ ରହିଥାଏ ଏକ ଲୟରେ। ବାସୁକୁ ଦେଖିଲେ- ବାସୁଭାଇ ଅଇଲେ, ବାସୁ ଭାଇ ଅଇଲେ ବୋଲି ରେବତୀ ପାଟିକରି ବାପକୁ କହେ' ଏପରି ନିର୍ଝରିଣୀୟ ଉଲ୍ଲାସ ଯେଉଁ ଅନୁରାଗର ଅଜସ୍ର ରଙ୍ଗୀନ ଫୁଲ ପ୍ରସ୍ଫୁଟିତ କରିଦିଏ ତାହା ଦେଖିବାକୁ ଚାହିଁଲେ ରେବତୀ ବକ୍ଷସ୍ଥଳରେ ବଗିଚା ମଧ୍ୟକୁ ପ୍ରବେଶ କରିବାକୁ ହୁଏ । ଏ କ୍ଷେତ୍ରରେ ଗାଳ୍ପିକଙ୍କ ବର୍ଣ୍ଣନାର କୌଣସି ଆବଶ୍ୟକତା ନାହିଁ । ଆବଶ୍ୟକତା ଅଛି ପାଠକ ରେବତୀର ଅନ୍ତଃସ୍ଥଳକୁ ପରମଶ୍ରଦ୍ଧାର ସହିତ ଏତେ ଗଭୀରକୁ ଯାତ୍ରା କରି ପାରୁଛି। ଏଭଳି ପ୍ରସଙ୍ଗରେ ଗାଳ୍ପିକ ସମୁଦାୟ ଦାୟିତ୍ୱ ଅର୍ପଣ କରି ଦେଇଥାନ୍ତି ପାଠକ ଉପରେ ସଂପୂର୍ଣ୍ଣ ରୂପେ । ଯେଉଁ ପାଠକ ଯେତିକି ଭାବବାଦୀ, କଳ୍ପନା ପ୍ରବଣ ସ୍ୱପ୍ନଶୀଳ ସିଏ ସେତିକି ଏହି ବିଷୟରେ ମାଧୁର୍ଯ୍ୟକୁ ଅନୁଭବ କରି ପାରିବ ନିଜ ଆତ୍ମାରେ । ଶ୍ୟାମବନ୍ଧୁ ମନେ ମନେ ସ୍ଥିର କରି ନେଇଥିଲେ ଯେ, ବାସୁଦେବକୁ ହିଁ ସେ ନିଜର ଜାମାତା ଭାବରେ କରିବେ ବରଣ । ଜାମାତା ତ ନୁହେଁ ସେ ରହିବ ପୁତ୍ର ପ୍ରତିମ ଅଧିକାର ଓ ଶ୍ରଦ୍ଧାଭାବ ବହନ କରି । ପାରଂପାରିକ ନିୟମ ଅନୁସାରେ ନିଜ ଜନ୍ମଦାତ୍ରୀ ମା'ଙ୍କ ପରାମର୍ଶ ହିଁ ସେ ଗ୍ରହଣ କରିଛନ୍ତି ଏ କ୍ଷେତ୍ରରେ । ଜେଜୀମା ମଧ୍ୟ ସମ୍ମତି ପ୍ରଦାନ କରିଛନ୍ତି ଶ୍ୟାମବନ୍ଧୁଙ୍କ ଏହି ପ୍ରସ୍ତାବରେ। ଏଭଳି ଅପୂର୍ବ ସଂଯୋଗ କ୍ୱଚିତ କ୍ଷେତ୍ରରେ ଦେଖିବାକୁ ମିଳେ । ରେବତୀ ବାପା ଓ ଜେଜୀମାଙ୍କ ମଧ୍ୟରେ ହେଉଥିବା କଥା ବାର୍ତ୍ତାର ଅର୍ଥକୁ ବୁଝିବା ବାକି ନଥିଲା । ଯେଉଁ ବାସୁ ଆସିଲେ ସେ କରୁଥିଲା ଆନନ୍ଦରେ ଚିତ୍କାର, ତାଙ୍କର ଆଗମନ ଦେଖିଲେ ଏବେ ତାର ସମଗ୍ର ମୁଖମଣ୍ଡଳ ଲଜ୍ଜାରୁଣର ସ୍ୱର୍ଶରେ ହୋଇଯାଏ ରକ୍ତିମ । ବାସୁଦେବ ରେବତୀକୁ ପାଠ ପଢ଼ାନ୍ତି ସତ କିନ୍ତୁ ରେବତୀର ମନ ଆଉ ପାଠ ଭିତରେ ନଥିଲା, ଥିଲା ବାସୁଦେବର ହୃଦୟ ସହିତ ସଂଯୁକ୍ତ ହୋଇ । ପାଠ ବୁଝୁ କି ନବୁଝୁ କେବଳ ହୁଁ ହୁଁ କରେ, ଆଉ ପଢ଼ା ସରିଲେ ପାଟି ବୁଜି ହସି ହସି ଘରକୁ ପଳାଇ ଯାଏ। ଆଗଭଳି ଯଦିଓ ସେ ବାସୁଦେବର ଆଗମନକୁ ଘୋଷଣା କରେ ନାହିଁ ପ୍ରତିଦିନ ଅପେକ୍ଷା କରେ କେତେବେଳେ ହେବ ସୂର୍ଯ୍ୟାସ୍ତ କାରଣ ସଞ୍ଜ ନଇଁ ଆସିବା ମାତ୍ରକେ ତା' ହୃଦୟ ସରୋବରର କଇଁଫୁଲ ମୁକୁଳିତ ହୁଏ। ଦାଣ୍ଡ ଦୁଆର କବାଟକୁ ଧରି ଏକ ଲୟରେ କାହା ବାଟକୁ ଅନାଇ ରହିଥାଏ, ତାହା ତା ବ୍ୟତୀତ ଜାଣିବ ବା କିଏ? ବାସୁ ଘରକୁ ଆସିବା ମାତ୍ରକେ ରେବତୀ ଘର ଭିତରକୁ ପଳାଇ ଯାଏ ଲୁଚିବା ପାଇଁ । ପାଞ୍ଚଥର ଡାକିଲେ ମଧ୍ୟ ସହଜରେ ସେ ଆସେ ନାହିଁ। ସତେ ଯେମିତି ତାହା ହେଉଛି ବାସୁଦେବ ସହିତ ତା'ର ଲୁଚକାଳି ଖେଳ। ସେଇ ଖେଳର ଆହ୍ଲାଦମୟ ଅନୁଭୂତିରୁ ଯେଉଁ ଅନୁରାଗର ଭାବ କ୍ଷରିତ ହୁଏ । ତାହା ପୂର୍ଣ୍ଣ ପ୍ରାଣରେ ପାନ କରି ରେବତୀ ହୁଏ ତଥାପି ଅତୃପ୍ତ। ରେବତୀର ଏହି ଭାବଭଙ୍ଗୀକୁ ଯେପରି ସଂକେତାତ୍ମକ ଭାବରେ ଫକୀରମୋହନ ଫୁଟାଇଛନ୍ତି ଠିକ୍ ସେହିପରି ଭାବରେ ବାସୁଦେବର ମମତାସକ୍ତ ଅନୁଭୂତିକୁ ପ୍ରକାଶ କରି ନାହାନ୍ତି ସାମାନ୍ୟ ଆଭାସ ଦେଇ ମଧ୍ୟ । ତା' ହେଲେ ବାସୁଦେବ କ'ଣ କିଛି ଅନୁଭବ କରି ପାରୁ ନଥିବା ଏକ ଜଡ଼ ପଦାର୍ଥ? ଏକଥା ପରା ଚତୁରୀ ଜେଜୀମା ବୁଝିଯାଇ ପାରିଛି । ରେବତୀ ଦାଣ୍ଡକୁ ବାହାରିଲେ ସେ ଖପା ହୁଏ । ଯଦିଓ ଜାଣେ ଯେ ଉଭୟଙ୍କ ବିବାହ ସ୍ଥିରୀକୃତ ତଥାପି ବୈବାହିକ ବନ୍ଧନ ପୂର୍ବରୁ ହାବଭାବକୁ ଜେଜୀମାମାନେ ସହଜରେ ଗ୍ରହଣ କରି ପାରନ୍ତି ନାହିଁ। ସେହି ରକ୍ଷଣଶୀଳତା ଆଜି ପର୍ଯ୍ୟନ୍ତ ସମାଜରୁ ତିରୋହିତ ହୋଇପାରି ନାହିଁ ।

ବାସୁଦେବ ବିଷୟରେ ଯଦିଓ ଲେଖକ ନୀରବ ସେହି ନୀରବତା ପଶ୍ଚାତରେ ବାସୁଦେବର ହୃତ୍ ସ୍ପନ୍ଦନ ଶୁଣିବା ପାଇଁ ଆବଶ୍ୟକ ହୁଏ ଏକ କଳାତ୍ମକ ଆନ୍ତଃକର୍ଣ୍ଣ । ବାସୁଦେବ ଯେତିକି ମାତ୍ରାରେ ବୁଝି ପାରନ୍ତୁ କି ନପାରନ୍ତୁ ସେହି ମୁହୂର୍ତ୍ତରେ ତାଙ୍କର ସମସ୍ତ ବୋଧଶକ୍ତି ଜାଗ୍ରତ ହୋଇ ଉଠିଛି ଯେଉଁ ସମୟରେ ଶ୍ୟାମବନ୍ଧୁ ଶେଷ ନିଶ୍ୱାସ ଛାଡୁଛନ୍ତି ଓ ବାସୁଦେବ ଉପରେ ରେବତୀର ସମସ୍ତ ଦାୟିତ୍ୱ ସମର୍ପଣ କରି ଦେଇଛନ୍ତି । ରେବତୀ ଚରିତ୍ର ମଧ୍ୟରେ ସାମାନ୍ୟ ରୋମାଣ୍ଟିକ୍ ଭାବ ପ୍ରବଣତା ଫୁଟି ଉଠିଛି । ମାତ୍ର ବାସୁଦେବ ହେଉଛନ୍ତି ସର୍ବଦା ସ୍ଥିର ଓ ଗମ୍ଭୀର । ସମୁଦ୍ରର ଉପରି ଭାଗ ଯଦି ହୁଏ ରେବତୀ, ସମୁଦ୍ର ମଧ୍ୟ ସ୍ଥଳର ସୁସ୍ଥିର ନୀରବତା ଓ ଗାମ୍ଭୀର୍ଯ୍ୟର ମୂର୍ତ୍ତି ହେଉଛନ୍ତି ବାସୁଦେବ । ଚାହିଁଥିଲେ ନିଜର ପ୍ରାଣରକ୍ଷା କରିବା ସକାଶେ ବାସୁଦେବ ପଳାୟନ କରିପାରି ଥାନ୍ତେ ନିଜ ଅଞ୍ଚଳକୁ, ଯେଉଁଠି ବାଡ଼ି ବୁଢ଼ୀର ପ୍ରକୋପ ନଥିଲା। ମାତ୍ର ଶ୍ୟାମବନ୍ଧୁ ବାସୁଦେବକୁ ଯେଉଁ ଦାୟିତ୍ୱ ପ୍ରଦାନ କରି ଯାଇଛନ୍ତି, ତାହା ପାଳନ କରିବା ତାଙ୍କର ନୈତିକ ଓ ମାନବିକ କର୍ତ୍ତବ୍ୟ ବୋଲି ବୁଝି ପାରିଛନ୍ତି ସିଏ। ରୋମାଣ୍ଟିକ ଭାବରେ ସାମାନ୍ୟ ସ୍ପନ୍ଦିତ ହୋଇ ଯାଇଥିବା ରେବତୀ ବାପା ମାଆଙ୍କର ବିୟୋଗ ଅନ୍ତେ ନେଇଛି କ୍ଲାସିକ୍ ନାୟିକାର ସ୍ଥିରତା, ନୀରବତା ଓ ଗମ୍ଭୀରତା । ଦୁଃଖର ଅନୁଭୂତିରେ ମଣିଷର ପ୍ରାଣ ଯେତେବେଳେ ଦଗ୍ଧୀଭୂତ ହୁଏ ସେତେବେଳେ ସେ ଆଉ ଚଳଚଞ୍ଚଳ ହୋଇ ରହି ପାରେ ନାହିଁ । ଦୁଃଖ ମଣିଷକୁ କରିଦିଏ ଅନ୍ତର୍ମୁଖୀ ତେଣୁ ବାସୁଦେବ ଓ ରେବତୀ ଏକହିଁ ବିନ୍ଦୁରେ ହୋଇଛନ୍ତି ଉପନୀତ ଯେଉଁଠି ରହିଛି ହୃଦୟ ବିଦାରିତ ହୋଇଯିବା ପରି ଅସହ୍ୟ ନୀରବତାର ରାଜୁତି । ଯେଉଁ ରେବତୀ ପାଞ୍ଚ ଡାକରେ ଘର ଭିତରୁ ବାହାରୁ ନଥିଲା ସେହି ରେବତୀ ଯେତେବେଳେ ଶୁଣିଲା ଯେ ସ୍କୁଲ ପିଲାମାନଙ୍କୁ ନେଇ ବାସୁଦେବ ପାଞ୍ଚଦିନ ସକାଶେ ଯାଉଛନ୍ତି ହରିହରପୁର ସେତେବେଳେ ଫକୀରମୋହନ ମଧ୍ୟ ତାଙ୍କ ଆବେଗକୁ ପ୍ରକାଶ ନ କରି ରହିପାରି ନାହାନ୍ତି। ତାଙ୍କରି ଭାଷା ହେଲା- ରେବତୀ ଧ୍ୟାନରେ ବାସୁକୁ ଚାହିଁଥାଏ, ଆଜିକା ଚାହାଣୀ ଅନ୍ୟରକମ । ଆଗେ ବାସୁ ଚାହିଁଲେ ମୁଣ୍ଡ ତଳକୁ ପୋତି ଦେଉଥିଲା, ଆଜି ସେ ଭାବ ନାହିଁ, ଏକ ଧ୍ୟାନରେ ବାସୁକୁ ଚାହିଁ ରହିଛି । ବାସୁର ମଧ୍ୟ ଆଜି ଆଗକା ଚାହାଣୀ ନୁହେଁ । ଆବେ ବାସୁର ଯେମନ୍ତ ଖୁବ୍ ଇଚ୍ଛା ଥିଲା - ରେବତୀକୁ ଭଲକରି ଦେଖିବ; କିନ୍ତୁ ଅନାଇ ପାରେ ନାହିଁ ଆଜି ଚାରି ଚକ୍ଷୁର ମିଳନ । ଆଖି ଫେରାଇ ନେବାକୁ କାହାରି ଆୟତ୍ତ ନାହିଁ । ବାସୁ ଚାଲିଗଲାଣି । ଆଉ ଦିନ ନାହିଁ, ଘର ବାହାର ଅନ୍ଧାର ପୁରି ଗଲାଣି । ରେବତୀ ଯେପରି ଚାହିଁଥିଲା ସେହିପରି ଚାହିଁଅଛି ++ ରେବତୀ ବସି ଦିନଗଣୁଛି, ଆଜି ଛ'ଦିନ ବାପା ମା ଗଲାଦିନୁ ଦାଣ୍ଡ ଦୁଆର ଦେଖି ନଥିଲା, ଆଜି ସକାଳୁ ଦାଣ୍ଡ ଦୁଆରେ ଦୁଇଥର ମୁହଁମାରି ଗଲାଣି ++ ହରିହରପୁରରୁ ସ୍କୁଲ ପିଲାମାନେ ଫେରି ଆସିବା ମାତ୍ରେ ଲୋକେ ବୋଲା ବୋଲି ହେଲେ- ହରିହରପୁରକୁ ଫେରି ଆସିବା ସମୟରେ ଗୋପାଳପୁରର ବରଗଛ ମୂଳରେ ପଣ୍ଡିତଙ୍କୁ ବାଡ଼ି ଧଇଲା । ଚାରିଥର ପୋଖରୀ ପାଣି ହେଲା, ଅଧ ରାତି ବେଳେ ଚାଲିଗଲେ । ଗ୍ରାମ ଲୋକମାନେ ହାୟ ହାୟ କଲେ, ପୁଅ ଝିଅ, ମାଆ ମାଇକିନା ମାନେ ପାଟି କରି କାନ୍ଦି ପକାଇଲେ । ++ ରେବତୀ ଶୁଣିଲା ବୁଢ଼ୀ ଶୁଣିଲା । ବୁଢ଼ୀ କାନ୍ଦି କାନ୍ଦି ତାହା କଣ୍ଠ ରୁନ୍ଧି ହୋଇଗଲା ++ ରେବତୀ ଯାଇ ଘରେ ପଡ଼ିଛି ସ୍ୱର ଶବ୍ଦ ନାହିଁ' ଫକୀରମୋହନଙ୍କ ଏ ବର୍ଣ୍ଣନା ଛାତି ଥରାଇ ଦେଇପାରେ ଶେଷ ବିଦାୟ ବେଳକୁ ନିଜ ପ୍ରିୟ ଜନକୁ ଚାହିଁବା ବେଳେ ଯେମିତି ଆଖିର ପଲପ ପଡ଼େ ନାହିଁ । ସେହିପରି ଅବସ୍ଥା ହୋଇଥିଲା ରେବତୀ ଓ ବାସୁଦେବଙ୍କର ଶେଷ ଦେଖା। ସତେ ଯେମିତି ଏହା ଯେ ଶେଷ ସାକ୍ଷାତ ତାହା ଜାଣି ପାରିଥିଲା ଦୁଇଜଣଙ୍କ ଅନ୍ତରାତ୍ମା । ବାସୁଦେବ ରେବତୀକୁ ଛାଡ଼ି ହରିହରପୁର ଯିବ ଏହା କେବେ ହେଲେ ଭାବି ନଥିଲା କିନ୍ତୁ ଯେହେତୁ ସେ ସରକାରୀ ଶିକ୍ଷକ ନିୟମ ମାନିବାକୁ ହେଲେ ବାଧ୍ୟ । ଆଉ ପ୍ରେମ ଓ ଅନୁରାଗର ମିଳନାନ୍ତକ ଦୃଶ୍ୟର ପରିସମାପ୍ତି ନିୟମ ଧ୍ୱଂସ କରି ଦେଇଥିଲା ନିଷ୍ଠୁର ମହାକାଳ। ଫକୀରମୋହନ ରେବତୀ ବାସୁଦେବଙ୍କ ପ୍ରେମର ଏ ଯେଉଁ କରୁଣ ହୃଦୟ ବିଦାରକ ଚିତ୍ର ସଂସ୍ଥାପନ କରିଛନ୍ତି ତାହା ପ୍ରକାଶ କରିବା ପାଇଁ ତାଙ୍କର ମଧ୍ୟ ଚେତନା ଶୂନ୍ୟ ଅବସ୍ଥା ଉପନୀତ ହୋଇଛି । ରେବତୀର ଯେପରି ଆଉ ସ୍ୱର ଶବ୍ଦ ନାହିଁ ଫକୀରମୋହନ ସେଇଭଳି ହୋଇ ଯାଇଛନ୍ତି ନିର୍ବାକ୍ ଓ ନିସ୍ପନ୍ଦ ମାନବ ହୃଦୟ ଧାରଣ କରିଥିବା ବିଗଳିତ ବ୍ୟଥା ବିଧୂର ନିରୁପାୟ ଚିତ୍ରକର ପରି ସ୍ଥିର ଚିତ୍ରରେ ପରିଣତ ହୋଇ ଯାଇଛନ୍ତି ।

ଏହି ଉଭୟ ଚରିତ୍ରଙ୍କ ମିଳନାକାଂକ୍ଷା ଓ ସେମାନଙ୍କ ବିଚ୍ଛିନ୍ନତା, ଯେଉଁ କାରୁଣ୍ୟ ସୃଷ୍ଟି କରିଛି ତାହାକୁ କୌଣସି ନାମରେ ନାମିତ କରିବାର ଶକ୍ତି ଅଛି କାହାର । ନା ରେମାଣ୍ଟିକ୍ ନା କ୍ଲାସିକ୍ ନା ରିଏଲିଷ୍ଟିକ୍ କେଉଁ ପର୍ଯ୍ୟାୟ ମଧ୍ୟରେ ତାହାକୁ ରଖିବା ପାଇଁ ସମାଲୋଚକ ସଚେତନ ହେବ ତାହା ଚିନ୍ତା ସୁଦ୍ଧା କରିହୁଏ ନାହିଁ ।

ରେବତୀ ଓ ବାସୁଦେବଙ୍କ ଏହି ଅନ୍ତର୍ଗତ ପ୍ରୀତିଭାବର ପରିଣତି ଯେପରି ଶୋକାବହ ହୋଇ ଯାଇଛି ସେଥିରେ ପ୍ରତିଟି ପାଠକ ମଧ୍ୟ ଚେତନା କରାଇ ଦେଇଥିବା ରେବତୀ ସ୍ଥାନରେ ନିଜକୁ ଆବିଷ୍କାର କରିପାରେ। ବାସୁଦେବ ଏବଂ ରେବତୀଙ୍କ ପାରସ୍ପରିକ ସ୍ନେହାସକ୍ତ ଭାବବଲ୍ଲରୀ ପାଠକ ହୃଦୟରେ ଯେପରି ପଲ୍ଲବିତ ହୋଇ ହସୁଥିଲା ସତେ ଯେମିତି କେଉଁ ପ୍ରେତ ଶକ୍ତିର ସ୍ପର୍ଶରେ ସବୁଜ ପତ୍ର ଖସି ପଡ଼ିଲା ଗୋଟି ଗୋଟି ହୋଇ ଆଉ ସେହି ଭାବ ବଲ୍ଲରୀରେ ପୁଷ୍ପର ପ୍ରସ୍ଫୁଟନ ଘଟିବାର ସମ୍ଭାବନା ଟିକକ ମଧ୍ୟ ପୋଛି ହୋଇଗଲା ସବୁଦିନ ପାଇଁ ।

ଏହି ଉଭୟ ଚରିତ୍ରଙ୍କ ମିଳନାକାଂକ୍ଷା ଓ ସେମାନଙ୍କ ବିଚ୍ଛିନ୍ନତା, ଯେଉଁ କାରୁଣ୍ୟ ସୃଷ୍ଟି କରିଛି ତାହାକୁ କୌଣସି ନାମରେ ନାମିତ କରିବାର ଶକ୍ତି ଅଛି କାହାର । ନା ରେମାଣ୍ଟିକ୍ ନା କ୍ଲାସିକ୍ ନା ରିଏଲିଷ୍ଟିକ୍ କେଉଁ ପର୍ଯ୍ୟାୟ ମଧ୍ୟରେ ତାହାକୁ ରଖିବା ପାଇଁ ସମାଲୋଚକ ସଚେତନ ହେବ ତାହା ଚିନ୍ତା ସୁଦ୍ଧା କରିହୁଏ ନାହିଁ । ସେ ଦୁଇଟି ଚରିତ୍ର ପ୍ରେମ ଓ କାରୁଣ୍ୟର ଦୁଇଟି ପ୍ରବାହିତ ନଦୀସ୍ରୋତ ଯେଉଁମାନଙ୍କ ମିଳନ ଘଟିଥିବ କେଉଁ ମହା ସାଗରରେ ଯାହାର ଆମ ପାଇଁ କୌଣସି ଅର୍ଥ ନାହିଁ, କୌଣସି ତୃପ୍ତି ନାହିଁ ଅନ୍ତର ରୂପାନ୍ତରିତ ହୋଇ ଯାଇଛି ସଂପୂର୍ଣ୍ଣ ଏକ ମରୁ ପ୍ରାନ୍ତର ହୋଇ ।

♥ ଆଡଜଙ୍କ୍ଟ ପ୍ରଫେସର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଉତ୍କଳ
ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରକାଶ

ବାରିପଦା, ୩/୮ (ନି.ପ୍ର): ଆସନ୍ତା ଅଗଷ୍ଟ ୫ ତାରିଖରୁ ଜିଲ୍ଲା ପ୍ରଶାସନିକ ସ୍ତରରେ ଜନ ଶୁଣାଣି ଶିବିର ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ, ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଅଗଷ୍ଟ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଅଗଷ୍ଟ ମାସର ପ୍ରଥମ ସୋମବାର ୫ ତାରିଖ ସଦର ମହକୁମା ଉପଖଣ୍ଡ ବାମନଘାଟି, ରାଇରଙ୍ଗପୁର ର ସମସ୍ତ ବ୍ଲକର ଜନସାଧାରଣଙ୍କ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ଅଗଷ୍ଟ ମାସ ଦ୍ୱିତୀୟ ସୋମବାର ୧୨ ତାରିଖ ପଞ୍ଚପୀଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୨୦ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୭ ତାରିଖ ବାରିପଦା ଉପଖଣ୍ଡର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଜଣାଇଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି ନିମନ୍ତେ ଜିଲ୍ଲା ପ୍ରଶାସନର ବିଜ୍ଞପ୍ତି ଜାରି

ବାଲେଶ୍ୱର, ୩/୮ (ନି.ପ୍ର): ଆସନ୍ତା ଅଗଷ୍ଟ ତା ୫ ରିଖଠାରୁ ବାଲେଶ୍ୱର ସଦର ମହକୁମାସ୍ଥିତ ନୂତନ କଲେକ୍ଟୋରେଟ ଭବନର ତଳ ମହଲାରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି ଅନୁଷ୍ଠିତ କରାଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି ଓ ଏଣିକି ମାସର ପ୍ରଥମ ସୋମବାର ଉକ୍ତ ସ୍ଥାନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି ଓ ଏହା ପୂର୍ବରୁ ସାଧାରଣ ଏବଂ ଅନ୍ୟାନ୍ୟ ଅନୁଭାଗର ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୫ ତାରିଖ ଦିନ ସଦର ବ୍ଲକ କାର୍ଯ୍ୟାଳୟଠାରେ ଏହି ଶିବିର ଅନୁଷ୍ଠିତ ହେବାର ଥିଲା ଓ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଏବଂ ଏହାର ସମାଧାନ ବ୍ୟବସ୍ଥାକୁ ସହଜ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପରିବର୍ତ୍ତନ କରାଯାଇଛି। ଏଠାରେ ସୂଚନା ଥାଉ କି ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଆଦେଶ ଅନୁଯାୟୀ ରାଜ୍ୟର ସମସ୍ତ ଜିଲ୍ଲାରେ ସୋମବାର ଦିନର ପ୍ରଥମାର୍ଦ୍ଧରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ ଓ ଏହି ସାପ୍ତାହିକ ଶିବିରରେ ବିଭିନ୍ନ ସରକାରୀ ସେବା, ଭିତ୍ତିଭୂମି ସମସ୍ୟା, ଜମିଜମା ବିବାଦ ଏବଂ ଜନସାଧାରଣଙ୍କର ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଉପସ୍ଥାପନ ହୋଇଥାଏ ଓ ଏହିସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ କିମ୍ବା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗର ଜିଲ୍ଲା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିଥାନ୍ତି ।

## ସମ୍ବାଦ ପରିବେଷଣ ପରେ ଶିକ୍ଷା ବିଭାଗର ତତ୍ପରତା: ପାଠ ପଢ଼ାରେ ଡ଼ୋରି ବାନ୍ଧିଥିବା 'କାଜଲ' ହେଲେ ଅଷ୍ଟମ ଶ୍ରେଣୀର ଛାତ୍ରୀ



ଉଦଳା , ୩/୮ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ରାଜାବସା ଗ୍ରାମର ବାସିନ୍ଦା ଦିବାକର ନାଏକଙ୍କ କନ୍ୟା 'ଯଶୋମତୀ' ଓରଫ 'କାଜଲ' ରାଢ଼ୋ। ଗ୍ରାମସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ । ଗତ କରୋନା ସମୟରୁ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିଲେ । ବିଦ୍ୟାଳୟ ଖୋଲିବା ପରେ ଆଶ୍ଚର୍ଯ୍ୟଜନକ ଭାବରେ ଶିକ୍ଷା ବିଭାଗ ତରଫରୁ ତାଙ୍କୁ ଖୋଜା ପଡ଼ିଲାନାହିଁ । ଫଳରେ ଦିର୍ଘ ୪ ବର୍ଷ ଧରି 'ଯଶୋମତୀ' ଓରଫ 'କାଜଲ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିଲେ । ଉକ୍ତ ଘଟଣା ସମ୍ପର୍କରେ ଖବର କାଗଜରେ ସମ୍ବାଦ ପରିବେଷଣ ହେବା ପରେ ଶିକ୍ଷା ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ନିକଟରେ ଥିବା ଶ୍ରୀଦାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'କାଜଲ' ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ଥିବାର ଜଣା ଯାଇଛି । କାଜଲ ମଧ୍ୟ ନିୟମିତ ବିଦ୍ୟାଳୟକୁ ଆସିବା ସହିତ ପାଠ ପଢ଼ାରେ ମନଦେବେ ବୋଲି ଜଣାଇଛନ୍ତି ।

## ଜଉ କଣ୍ଢେଇ ବାହାଘରରେ ଚନ୍ଦ୍ରମଣି ଧରିଲେ ସୁଲୋଚନାଙ୍କ ହାତ



ବାଲେଶ୍ୱର, ୩/୮ (ନି.ପ୍ର): ଓଡିଶା ପ୍ରସିଦ୍ଧ ଲୋକ ପର୍ବ ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘରର ଦ୍ୱିତୀୟ ଦିବସରେ ବର ଚନ୍ଦ୍ରମଣି ଧରିଲେ କନ୍ୟା ସୁଲୋଚନାଙ୍କର ହାତ । ନିଷ୍ଟ ଗ୍ରୁପର ଅଧକ୍ଷ ଡ଼ଃ ପଙ୍କଜ କୁମାର ଜେନା ଓ ତାଙ୍କ ସହଧର୍ମିଣୀ ଡ଼ଃ ସୁଚିତ୍ରା ଶିକ୍ଷାବିତ ତଥା ଲେଖକ କାଳିକିଙ୍କର ଦାସ ଓ ତାଙ୍କ ସହଧର୍ମିଣୀ ସୌଭାଗିନୀ ମିଶ୍ରଙ୍କର ପୁଅ ଚନ୍ଦ୍ରମଣିଙ୍କ ସହ ତାଙ୍କ ଝିଅ ସୁଲୋଚନାଙ୍କ ବିବାହ ସମ୍ପନ୍ନ କଲେ । ସୂଚନାଯୋଗ୍ୟ ଯେ ଚନ୍ଦ୍ରମଣି ଓ ସୁଲୋଚନା ହେଲେ ଓଡ଼ିଆ କଥା ସାହିତ୍ୟର ଜନକ ଫକୀର ମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡ଼ିସିନର ନାୟକ ଓ ନାୟିକା । ବୈଦିକ ରୀତିନୀତିରେ କୁଳ-ପୁରୋହିତ ନଣ୍ଡା ଗୋସେଇଁ ମଠରେ ଏହି ବିବାହ ସମ୍ପନ୍ନ କରିଥିଲେ । ରାତି ୮ ଘଟିକାରେ ଏକ ବିରାଟ ସମ୍ପର୍କ ଯାତ୍ରା ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରୁ ବର ଚନ୍ଦ୍ରମଣିଙ୍କୁ ସୁସଜ୍ଜିତ ପାଲିଙ୍କିରେ ନେଇ ମଠ ସାହି ସ୍ଥିତ ନଣ୍ଡା ଗୋସେଇଁ ମଠରେ ପହଞ୍ଚିଥିଲେ । ଏହି ବିଶାଳ ପଟୁଆରରେ ହଜାର ହଜାର ଲୋକ ଯୋଗ ଦେଇଥିଲେ । ରାସ୍ତାଯାକ ବାଣ ରୋଷଣୀରେ ଝଲସି ଉଠୁଥିଲା । ରଙ୍ଗଢୋଲ, ପିତୁଳା ନାଚ, ମାଣିକ ଖମ୍ବ କାନାଟି, କିଷାନ ସାନ୍ତାଳୀ ନାଚ, ବନଭୂଇଁ ଆଦିବାସୀ ନାଚ ଇତ୍ୟାଦି ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ନୃତ୍ୟ ରାସ୍ତାସାରା ଜନତାଙ୍କ ମନ ମୋହିଥିଲେ । ରାତ୍ରି ୧୦ଟା ସୁଦ୍ଧା ଏହି ପାରମ୍ପରିକ ସମ୍ପର୍କଯାତ୍ରାରେ ବରଯାତ୍ରୀ ଦଳ ନଣ୍ଡା ଗୋସେଇଁ ମଠରେ ପହଞ୍ଚିଥିଲେ ଯେଉଁଥିରେ ସହରର ବହୁ ମାନ୍ୟଗଣ୍ୟ ଓ ଅତିଥି ଅଭ୍ୟାଗତ ଯୋଗ ଦେଇଥିଲେ । ସେଠାରେ କନ୍ୟାପକ୍ଷ ବରପକ୍ଷଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ । ସମସ୍ତଙ୍କୁ ବିବାହ ଭୋଜିରେ ଡ଼ଃ ପଙ୍କଜ ଜେନା ପରିବାର ଆପ୍ୟାୟିତ କରିଥିଲେ । ଏଥିପୂର୍ବରୁ ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଜଉ କଣ୍ଢେଇ ବାହାଘର ସମିତିର ବରିଷ୍ଠ ସଦସ୍ୟ ଅଞ୍ଜଳି ପଣ୍ଡାଙ୍କ ପୌରହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା ଯେଉଁଥିରେ ପୌରପାଳିକା ସବିତା ସାହୁ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱରୀ ଜଉ କଣ୍ଢେଇ ଆଜି ବାଲେଶ୍ୱର ସହରକୁ ଉତ୍ସବ ମୁଖର କରିଛି ସେ ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବରେ ଯୋଗଦେଇ ଆନ୍ତର୍ଜାତୀୟ ନୃତ୍ୟାଙ୍ଗନା ଶ୍ରୀମତୀ ସୁଜାତା ମହାପାତ୍ର ଜଉ କଣ୍ଢେଇ ବାହାଘର ଉତ୍ସବ ତାଙ୍କୁ ଅଭିଭୂତ କରିଛି ବୋଲି କହିଲେ । ସେ ଫକୀର ମୋହନଙ୍କର ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡ଼ିସିନର ଦୁଇ ମୁଖ୍ୟ ଚରିତ୍ର ଚନ୍ଦ୍ରମଣି ଓ ସୁଲୋଚନାଙ୍କ ସମ୍ପର୍କରେ ଆଲୋଚନା କରି ଚନ୍ଦ୍ରମଣି ଓ ସୁଲୋଚନାଙ୍କର ବିବାହ ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଶିଳ୍ପଦ୍ୟୋଗୀ ଅଲିଭା ଦାସ, ଟିଭି ତାରକା ଟିକି ରଥ ଓ ସମାଜସେବୀ ସୁବ୍ରତ ନାୟକ ଏହି ଲୋକପର୍ବ ଓଡ଼ିଶାର ଅନନ୍ୟ ଲୋକପର୍ବ ବୋଲି ବର୍ଣ୍ଣନା କରିଥିଲେ ।ପ୍ରାକ କଥା ଶ୍ରୀମତୀ ଧରିତ୍ରୀ ମିଶ୍ର ରଖିଥିଲାବେଳେ ଶେଷକଥା ରଖିଥିଲେ ଶ୍ରୀମତୀ ରଚନା ସେନ । ସନ୍ଧ୍ୟାରେ ଖ୍ରୀଷ୍ଟିୟାନ ପଡ଼ିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକ କଳା ବିକାଶ କେନ୍ଦ୍ର, ନୋସି କଲଚୁରାଲ ଏକାଡେମୀ ଓ ଉତ୍କଳ କନ୍ୟା ପାଇକ ନାଚ ସମସ୍ତଙ୍କ ମନ ମୋହିଥିଲା ।

## ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ବାସୁଦେବପୁର, ୩/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭା ନେତ୍ରୀ ଶାନ୍ତିଲତା ପଣ୍ଡା ସଭାପତିତ୍ୱ କରିଥିଲେ । ବାସୁଦେବପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ ଏବଂ ସମାଜରେ ଶିକ୍ଷା ଓ ସଂସ୍କୃତିର ବିକାଶ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ସଂଘର ଜିଲ୍ଲା ସଭାପତି ନକୁଳ ଚରଣ ବାରିକ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉର୍ମିଳା କର, ମୀନା କୁମାରୀ ମଲ୍ଲିକ, ନରସିଂହପୁର ପଂଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ମହାରଣା, ରାଜ୍ୟ ସଭାପତି ବିକ୍ରମ ଦାଶ, ଜିଲ୍ଲା ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ, ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ବରେଣ୍ୟ ସମ୍ବର୍ଦ୍ଧିତ ପ୍ରତିଭା ଅକ୍ଷୟ ସେଠି, ଚକ୍ରଧର ପାଢ଼ୀ, ପୀତାମ୍ବର ମହାନ୍ତି, ସଦାନନ୍ଦ ଜେନା, ନିରୂପମା ମଲ୍ଲିକ, ବିପିନ ବିହାରୀ ପାତ୍ର, ପ୍ରଫୁଲ୍ଲ ମଲ୍ଲିକ, ପଦ୍ମିନୀ ବେହେରା, ସନାତନ ବେହେରା, ସନ୍ତୋଷ ପଣ୍ଡା, ବଳରାମ ଜେନା, ଅର୍ଜୁନ ଚରଣ ମହାଲିକ, କୈଳାସ ଚନ୍ଦ୍ର ଜେନା, ସୁଲୋଚନା ମହାପାତ୍ର, ବିଜୟ ସାହୁ, ରାମକୃଷ୍ଣ ତ୍ରିପାଠୀ, ଜୟଦେବ ସ୍ୱାଇଁ, ସବିତା କର, ବୈକୁଣ୍ଠ ନାଥ ରାଉଳ, ପ୍ରତୀକ୍ଷା ମହାପାତ୍ର, ଜଗବନ୍ଧୁ ବଳ, ସାବିତ୍ରୀ ବାରିକ, ବାବାଜୀ ଚରଣ ନାୟକ ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଶିକ୍ଷକ ଦୈତାରି ବେହେରା । ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ନାରାୟଣ ମାହୁନ୍ତ ଏହି ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ।

## ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଖଇରା, ୩/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଠାରୁ ୧ଶହ ମିଟର ଦୁର ତହସିଲ ଯିବାରାସ୍ତାରୁ ଜଣେ ମହିଳାଙ୍କ ଠାରୁ ଦୁବୃତ୍ତ ମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବାର ଖଇରା ଥାନାରେ ଅଭିଯୋଗ ହୋଇଛି । ସିସିଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି । ମହିଳା ଜଣକ ହେଲେ ତାଳମହୁରି ଗ୍ରାମର ଉର୍ମିଳା ବେହେରା । ତାଙ୍କ ସ୍ୱାମୀ ବହାରେ ରହୁଥିବା ବେଳେ ଉର୍ମିଳା କଲିକତାରେ ପଢୁଥିବା ପୁଅ ପାଖକୁ ଟଙ୍କା ପଠାଇବାକୁ ୟୁକୋ ବ୍ୟାଙ୍କ ଶାଖାକୁ ଯାଇଥିଲେ । ସେଠାରୁ ଟଙ୍କା ଉଠାଇ ଏକ ଆଫିଡେଭିଟ କରିବାକୁ ପୋଷ୍ଟ ଅଫିସ ଛକ ଥାନା କଡ ରାସ୍ତାରେ ତହସିଲ ଯାଉଥିବା ବେଳେ ମଝାମଝି ରାସ୍ତାରେ ୨ଜଣ ଲୋକ ବାଇକରେ ଆସି ଟଙ୍କା ଥିବା ପଲିଥିନ ବ୍ୟାଗକୁ ଝିଙ୍କି ନେଇଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଟେକ୍ସଟାଇଲ୍, ଖାଦ୍ୟ ପ୍ରକ୍ରିୟାକରଣ...

କରିବା ପାଇଁ ଉଦ୍ୟମ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ପରେ ନିଷ୍ପତ୍ତି ହୋଇଥିଲା ଯେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ବିଭିନ୍ନ ଆଗ୍ରହୀ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରାଯାଇ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିଷ୍ଠାରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ସେ କହିଥିଲେ ଯେ ରାଜ୍ୟରେ ୨୦୧୬ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୮୯ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ ଆସିଥିବା ବେଳେ ୬୭୪ଟି ପ୍ରକଳ୍ପ ସିଙ୍ଗିଲ ୱିଣ୍ଡୋ ଅଥରିଟି ଦ୍ୱାରା ଅନୁମୋଦନ ପାଇଛି। ସେଥି ମଧ୍ୟରୁ ୩୫୨ଟି ପ୍ରକଳ୍ପକୁ ଜମି ହସ୍ତାନ୍ତର କରାଯାଇଛି। ଏତଦ୍‌ବ୍ୟତିତ ୧୮୩ଟି ପ୍ରକଳ୍ପ ଶିଳ୍ପ ସ୍ଥାପନ ପାଇଁ କାମ ଆରମ୍ଭ ହୋଇଛି। ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି। ସେହିପରି ରାଜ୍ୟରେ ୧୨ଟି ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି । ୪୧ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ନିବେଶ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଶର୍ମା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିପୁଳ ସୁଯୋଗ ରହିଛି। ଏ ଦିଗରେ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ସରକାରୀ ସ୍ତରରେ ଶିଳ୍ପ ସଂସ୍ଥାମାନଙ୍କୁ ଉପଯୁକ୍ତ ସୁଯୋଗ ଯୋଗାଇଦେବା ସହିତ ସେମାନଙ୍କ ସମସ୍ତ ଆବଶ୍ୟକତା ପୂରଣ ଦିଗରେ ସରକାରଙ୍କ ସମସ୍ତ ସଂପୃକ୍ତ ବିଭାଗ ସହଯୋଗ ଯୋଗାଇଦେବା ଜରୁରୀ ବୋଲି ସେ ମତ ଦେଇଥିଲେ।

### ନଷ୍ଟ ହେଲାଣି ମହାପ୍ରଭୁଙ୍କ ୧୦...

ଆଲୋଚନା ହେଉଛି। ତେଣେ ଅତି ଶ୍ରଦ୍ଧାରେ ଭକ୍ତ ଦେଇଥିବା ଅର୍ପଣ ଚାଉଳର ଏ ଦୁଃସ୍ଥିତି ପାଇଁ ଭକ୍ତ ଓ ସେବାୟତ ସମସ୍ତେ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନର ଦୟିତ୍ୱହୀନତାକୁ ଦୋଷ ଦେଇଛନ୍ତି। ତେଣେ ପୁରୀ ଜିଲ୍ଲାପାଳ କହିଛନ୍ତି, ଆସନ୍ତା ୫ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେପଟେ ହଜାର ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ପୋକ ଖାଇଯିବାକୁ ନେଇ ତେଜିଛି ରଜନୀତି। କଂଗ୍ରେସ ବିଧାୟକ ଅଶୋକ ଦାସ କହିଛି, ପୂର୍ବ ସରକାର ଲୋକଙ୍କ ଭାବାବେଗ ସହ ଖେଳିଲେ। ସେ ପୋକରା ଚାଉଳରେ ଆଉ ଠାକୁରଙ୍କୁ ଭୋଗ ଲଗାନଯାଇ ନଷ୍ଟ କରି ଦିଆଯାଉ। ତେଣେ ବିଜେଡି କିନ୍ତୁ ସବୁ ଦୋଷ ମନ୍ଦିର ପ୍ରଶାସନ ମୁଣ୍ଡକୁ ଠେଲିଛି। ଆଉ କହିଛି, ରକ୍ଷଣାବେକ୍ଷଣ ଅଭାବରୁ ଚାଉଳ ନଷ୍ଟ ହୋଇଗଲା। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଅର୍ପଣ ଚାଉଳ ଆଉ ଶ୍ରୀମନ୍ଦିରରେ ବ୍ୟବହାର କରାଯାଇ ପାରିବନି ବୋଲି ସେବାୟତ କହିଲେଣି। ତେଣୁ ଏ ପ୍ରସଙ୍ଗରେ ପରିଚାଳନା କମିଟିର ନିଷ୍ପତ୍ତିକୁ ସରକାର ମାନିବେ।

### କେରଳରୁ ଆସିଲା ମୃତ୍ୟୁ ...

ଲଗାଇଥିଲେ ବନ ବିଭାଗର କିଛି ଅଧିକାରୀ, ଆଉ ସେମାନଙ୍କୁ ହାତରେ ଯାହା ପଡିଲା ତାହା ଆପଣଙ୍କୁ ସ୍ତମ୍ଭୀଭୂତ କରିବ। ଗତ ୫ ଦିନ ଧରି ପଥର କନ୍ଦିରେ ବଞ୍ଚିଥିଲା ୪ଟି କଅଁଳ ଜୀବନ । ଉଦ୍ଧାର ହୋଇଥିଲେ ୪ ନିଷ୍ପାପ ଶିଶୁ । ସେମାନଙ୍କୁ ଉଦ୍ଧାର କରିବାର ଫଟୋ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଆଉ ଲୋକଙ୍କ ଠାରୁ ଅଜସ୍ର ଶୁଭେଚ୍ଛା ପାଉଛନ୍ତି ଏହି ୪ ଅଧିକାରୀ । ୱାୟନାଡର ପନିଆ ସମ୍ପ୍ରଦାୟର ଏକ ପରିବାର ପାହାଡ ଉପରେ ଥିବା ଏକ ଗୁମ୍ଫାରେ ଫଶି ରହିଥିଲେ । ହେଲେ ଏଠାରେ ପହଞ୍ଚିବାକୁ ବନ ବିଭାଗର ଉଦ୍ଧାରକାରୀ ଟିମକୁ ପାଖାପାଖି ୫ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା । ଟିମର ମୁଖ୍ୟଙ୍କ କହିବା ଅନୁସାରେ, ଗୁରୁବାର ୪ ବର୍ଷର ଶିଶୁକୁ ବନାଞ୍ଚଳ ଆଖାପାଖରେ ବୁଲୁଥିବାର ଦୂରରୁ ଦେଖିବାକୁ ମିଳିଥିଲା । ଜାଣିବାକୁ ମିଳିଥିଲା ଯେ ପାହାଡ ଉପରେ ଥିବା ଗୁମ୍ଫାରେ ଆଉ କିଛି ଶିଶୁ ଓ ତାଙ୍କ ବାପା ଫଶିରହିଛନ୍ତି । ଟିମ୍ ମୁଖ୍ୟ କେ ହରିଶଙ୍କ କହିବା ଅନୁସାରେ , ଏହି ସମ୍ପ୍ରଦାୟ ସହର ଠାରୁ ଭିନ୍ନ ଜଙ୍ଗଲ ଅଞ୍ଚଳରେ ରୁହନ୍ତି । ମୁଖ୍ୟତଃ ବନଜାତ ଖାଦ୍ୟ ଉପରେ ନିର୍ଭର କରିଥାନ୍ତି । ସେଗୁଡିକୁ ପାଖ ବଜାରରେ ବିକ୍ରି କରି ଅନ୍ୟ ସାମଗ୍ରୀ କିଣିଥାନ୍ତି । ଏବେ ଭୂସ୍ଖଳନ ପରେ ଏମାନଙ୍କ ଅବସ୍ଥା ବର୍ଣ୍ଣନା କରିବା ଭାରି କଷ୍ଟକର । ବନାଞ୍ଚଳ ରେଞ୍ଜ ଅଧିକାରୀଙ୍କ କହିଛନ୍ତି, ସେମାନଙ୍କୁ ଉଦ୍ଧାର କରିବାକୁ ସୁଉଚ୍ଚ ପାହାଡର ଖସଡା ଚଟ୍ଟାଣ ଦେଇ ଯିବାକୁ ପଡିଥିଲା । ଏଥିରେ ନିଜ ଜୀବନ ପ୍ରତି ବି ବିପଦ ଥିଲା । ତଥାପି ନିଜ ଜୀବନକୁ ଗୁରୁତ୍ୱ ନଦେଇ ବରଂ ଏହି ଶୁଶୁ ଓ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ପାହାଡ ଉପରକୁ ଯାଇଥିଲେ , ସେମାନଙ୍କ ପାଇଁ ସାଙ୍ଗରେ ଖାଦ୍ୟ ନେଇ ଯାଇଥିଲେ । ପ୍ରଥମେ ଶିଶୁଙ୍କୁ ଖୁଆଇଥିଲେ, ପରେ ସେମାନଙ୍କୁ ନିଜ ଦେହରେ କପଡାରେ ବାନ୍ଧି ତଳକୁ ଆଣିଥିଲେ । ୪ ଶିଶୁଙ୍କୁ ଉଦ୍ଧାର କରି ଯବାନ ନିଜ ଅଟ୍ଟାମାଲା ସ୍ଥିତି କାର୍ଯ୍ୟାଳୟକୁ ଆଣିଥିଲେ । ସେଠାରେ ସେମାନଙ୍କୁ ଖାଇବାକୁ ଦେଇ ପରିସ୍କାର କରିଥିଲେ, ଏହାପରେ ଚିକିତ୍ସା କରାଇ ସୁରକ୍ଷା ନେଇ ନିଶ୍ଚିତ କରାଇଥିଲେ । ବନ ବିଭାଗ ରେସ୍କ୍ୟୁ ଟିମର ଏଭଳି କାର୍ଯ୍ୟକୁ କେରଳ ମୁଖ୍ୟମନ୍ତ୍ରୀ ପନିରାଇ ବିଜୟନ୍ ଭୂରି ପ୍ରଶଂସା କରିଛନ୍ତି । ବନ ବିଭାଗର ଏଭଳି କାର୍ଯ୍ୟ କେରଳ ବଞ୍ଚିବାର ବାର୍ତ୍ତା ଦେଇଛି ।

### ସବୁ ସରକାରୀ ଓ ଘରୋଇ...

ଆମ ସରକାର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନ ମାଧ୍ୟମରେ ଯୋଗ୍ୟ ପରିବାରମାନଙ୍କୁ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଅରୋଗ୍ୟ ଯୋଜନାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ପାଣ୍ଠି ପ୍ରଦାନ କରିବେ। ଯାହା ଫଳରେ ରାଜ୍ୟ ରାଜକୋଷ ଉପରେ ବୋଝ କମିବ। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଲୋକମାନେ ଦେଶର ସମସ୍ତ ରାଜ୍ୟର ୨୭ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଇପାରିବେ। ଏହା ବିଶେଷ କରି ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ଆଶ୍ୱସ୍ତି ପ୍ରଦାନ କରିବ। ଏହି ବଜେଟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୫ ଶହ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୩ ହଜାର ୫୬ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି।

### ବନ୍ଦ କୋଠରୀରେ...

ବାହାରକୁ ଆସୁଛନ୍ତି ଏବଂ ଅନ୍ୟର ଆଶ୍ରା ନେଉଛନ୍ତି ବୋଲି କହିଛନ୍ତି ବିଜେପି ବିଧାୟକ ସରୋଜ ପାଢ଼ୀ । ଯଦି ମମତା ମହାନ୍ତ ଲୋକପ୍ରିୟ ନୁହଁନ୍ତି ତେବେ ତାଙ୍କ ଯିବାପରେ ଗତକାଲି ସୁପ୍ରିମୋ କାହିଁକି ମୟୂରଭଞ୍ଜ ନେତାଙ୍କୁ ନେଇ ବୈଠକ କଲେ। ଗଞ୍ଜାମରେ ବି ତାଙ୍କର ଅବସ୍ଥା ଭଲ ନାହିଁ। ଆଗକୁ ବିସ୍ଫୋରଣ ହେବ ବୋଲି କହିଛନ୍ତି ସରୋଜ । ସେପଟେ ମମତା ମହାନ୍ତ ବିଜେଡି ଛାଡି ବିଜେପିକୁ ଯିବା ପରେ ଶଙ୍ଖ ଦଳରେ ତୀବ୍ର ହେଲାଣି ବିବାଦ। ନିର୍ବାଚନ ପୂର୍ବରୁ ବିଜେଡି ଛାଡି ବିଜେପି ଯାଇଥିବା ଅରବିନ୍ଦ ଢାଲି ସାଂଘାତିକ ବୟାନ ଦେଇ କହିଛନ୍ତି, ବିଜେଡି ବସା ଖାଲି ହୋଇଯିବ । ଦଳରେ ବାକ୍ ସ୍ୱାଧିନତା ନଥିବାରୁ ସମସ୍ତେ ଅସନ୍ତୁଷ୍ଟ ଅଛନ୍ତି। ଯେଉଁଥିପାଇଁ ବିଜେଡି ବିଲିନ ହୋଇଯିବ। ସେହିପରି ପାଣ୍ଡିଆନ୍‌ଙ୍କୁ ନେଇ ବି କଡ଼ା ସମାଲୋଚନା କରିଛନ୍ତି ଢାଲି। ଆଉ ଢାଲିଙ୍କ ଏହି ବୟାନକୁ ଇଙ୍ଗିତରେ ସମର୍ଥନ କରିଥିଲେ ବରିଷ୍ଠ ବିଜେଡି ନେତା ଅମର ଶତପଥୀ । ସେ କହିଥିଲେ ଦଳର ଆମୂଳଚୂଳ ସଂଗଠନକୁ ଠିକ୍ କରାନଗଲେ ଆଗକୁ ବଡ଼ ଅଘଟଣ ଘଟିବ। ଅନ୍ୟପଟେ ବିଜେଡି ନିଜ ଗୋଷ୍ଠୀ କନ୍ଦଳକୁ ନେଇ ଅଡୁଆରେ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ଦଳୀୟ ନେତା ଉମା ସାମନ୍ତରାୟ। ଦଳ ନବୀନଙ୍କ ନେତୃତ୍ୱରେ ସଂପୂର୍ଣ୍ଣ ସୁଦୃଢ ଅଛି ବୋଲି କହିଛନ୍ତି ଉମା । ସୂଚନା ଅନୁସାରେ ନିର୍ବାଚନ ପରେ ବିଜୁ ଜନତା ଦଳକୁ ଲାଗିଛି ବଡ଼ ଧକ୍କା । ଜୁଲାଇ ୩୧ରେ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଥିଲେ ବିଜେଡି ସାଂସଦ ମମତା ମହାନ୍ତ । ରାଜ୍ୟସଭା ସାଂସଦ ପଦ ସହ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ସେ ଇସ୍ତଫା ଦେଇଥିଲେ । ଏ ନେଇ ସୋସିଆଲ ମିଡିଆ 'ଏକ୍ସ' ହ୍ୟାଣ୍ଡେଲରେ ନିଜେ ସୂଚନା ଦେଇଥିଲେ ମମତା । ଇସ୍ତଫାର କାରଣ ସମ୍ପର୍କରେ ମମତା ଦର୍ଶାଇଥିଲେ ଯେ, ବିଜେଡିରେ ସେ ଅଲୋଡ଼ା ହୋଇପଡ଼ିଥିଲେ ଏବଂ ଦଳ ତାଙ୍କ ସେବାର ଆବଶ୍ୟକତା ଅନୁଭବ କରୁନଥିଲା । ସେ ଲୋକଙ୍କ ନେତା ଏବଂ ଲୋକଙ୍କ ସେବା ହିଁ ତାଙ୍କର ମୁଖ୍ୟ ଧ୍ୟେୟ ବୋଲି ସେ ଉଲ୍ଲେଖ କରିଛନ୍ତି । ଏହି କାରଣରୁ ସେ ଆଉ ସେହି ଦଳରେ ରହିବାର ଆବଶ୍ୟକତା ଅନୁଭବ କରୁନାହାନ୍ତି ବୋଲି ଉଲ୍ଲେଖ କରିଥିଲେ ମମତା । ତେବେ ବିଜେଡିରୁ ଇସ୍ତଫା ଦେବା ପରେ ଅଗଷ୍ଟ ୧ରେ ବିଜେପିରେ ସାମିଲ ହୋଇଥିଲେ ।

### ମହାନଦୀ ମୁହାଣରେ...

ଅନ୍ୟ ଏକ ବୋଟ ତାକୁ ଟାଣି ଟାଣି ଆଣିଥିଲା । ତେବେ ଅଶାନ୍ତ ମୁହାଣରେ ବୋଟ୍ ଦଉଡି ଛିଡ଼ି ଯିବାରୁ ଦୂରକୁ ଭାସିଯାଇଥିଲା । କେନ୍ଦ୍ରାପଡ଼ା ମହାକାଳପଡ଼ା ବତୀଘର ନିକଟରେ ବାଲିଚରରେ ବୋଟ ଲାଗିବା ପରେ ସେଥିରୁ ଓହ୍ଲାଇ ରାତି ତମାମ ଆଶ୍ରୟ ନେଇଥିଲେ । ପରେ ସେମାନଙ୍କୁ ଉଦ୍ଧାର କରାଯାଇଛି । ପାରାଦୀପ ମହାନଦୀ ମୁହାଣରୁ ୭ ମତ୍ସ୍ୟଜୀବୀ ଉଦ୍ଧାର ଉପରେ ପ୍ରତିକ୍ରିୟା ରଖିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର । ସେ କହିଛନ୍ତି, ପାଣିପାଗ ସୂଚନା ଅନୁସାରେ ୨୪ ଘଣ୍ଟା ସମୁଦ୍ର ବାରଣ ହୋଇଥିଲା । ନିର୍ଦ୍ଦେଶନାମା ଅନୁପାଳନ ନେଇ ୬ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲା । କଟକଣା ସତ୍ତ୍ୱେ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ପ୍ରବେଶ କରୁଛନ୍ତି । ଯେଉଁମାନେ ଅବମାନନା କରୁଛନ୍ତି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି । ଏଥିସହ ସରକାରଙ୍କ ସତର୍କ ସୂଚନା ମାନିବାକୁ ସେ ମତ୍ସ୍ୟଜୀବୀଙ୍କୁ ଅପିଲ୍ କରିଛନ୍ତି ।

### ପଥର ବ୍ଲାଷ୍ଟିଂ ବେଳେ...

କରୁଥିଲେ। ସେହି ସମୟରେ ବ୍ଲାଷ୍ଟିଂ କରାଯାଇଥିଲା। ଆଉ ସେଇଥିରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିବା ବେଳେ ପଥର ଖଣ୍ଡ ମାଡ଼ରେ ଦୁଇ ପୁତୁରା ଗୁରୁତର ଆହତ ହୋଇଥିଲେ। କୋଟିନଡା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏଥିସହ ଦୁଇ ଆହତଙ୍କୁ ଉଦ୍ଧାର କରି ଆସିକା ଉପଖଣ୍ଡ ମେଡ଼ିକାଲ୍‌ରେ ଭର୍ତ୍ତି କରିଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ମିଳିଥିବା ସୂଚନା ଅନୁସାରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି। ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରୁଛି। ସୂଚନାରୁ ପ୍ରକାଶ, ଏହି ପଥରକ୍ୱାରୀଟି କୁଆଡେ ବେଆଇନ ଭାବେ ଚାଲୁଥିଲା।

# ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବାଲେଶ୍ୱର, ୩/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଶ୍ରୀ ସତ୍ୟ ସୁନ୍ଦର ରାଉତ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ତପନ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା, ଜିଲ୍ଲା ଉପନିବନ୍ଧକ ସେବା ସମବାୟ ସମିତି ସମୂହ ଶ୍ରୀ ଗଜେନ୍ଦ୍ର କୁମାର ପଣ୍ଡା ଓ ଅତିରିକ୍ତ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଶ୍ରୀ ଅଜିତ କୁମାର ସାମଲ ଯୋଗଦାନ କରିଥିଲେ ଓ ଚଳିତ ଖରିଫ-୨୦୨୪ ଋତୁରେ ଫସଲର ଡିଜିଟାଲ ସର୍ବେକ୍ଷଣ ଅଗଷ୍ଟ ତା ୧୯ ରିଖରୁ ସେପ୍ଟେମ୍ବର ତା ୩୦ ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଉକ୍ତ ପ୍ରଶିକ୍ଷଣ ଶିବିରରେ ରାଜସ୍ୱ, ପରିସଂଖ୍ୟାନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ମୃତ୍ତିକା ସଂରକ୍ଷଣ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ ଓ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକ ଶ୍ରୀ ରାଉତ ଓ ଶ୍ରୀ ବିଭୁଦତ୍ତ ପଣ୍ଡା, ସହକାରୀ କୃଷି ଅଧିକାରୀ ଦୃଶ୍ୟ-ଶ୍ରାବ୍ୟ (ଅଡିଓ-ଭିଜୁଆଲ୍) ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଓ ଏହି ପ୍ରଶିକ୍ଷଣ ଶିବିରକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ପରିଚାଳନା କରିଥିଲେ ।



# ରାଜ୍ୟସ୍ତରୀୟ ବୃହତ୍ତ ତାଳତେଲ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ

ବେତନଟୀ, ୩/୮ (ନି.ପ୍ର): ସରକାରଙ୍କ ପକ୍ଷରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଧନପୁର ଗ୍ରାମରେ ରାଜ୍ୟସ୍ତରୀୟ ବୃହତ୍ତ ତାଳତେଲ (ଅଏଲପାମ୍) ବୃକ୍ଷରୋପଣ ଅଭିଯାନର ଆଜି ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ , ବଡସାହି ବିଧାୟକ ସନାତନ ବିଜୁଳି, ବାରିପଦା




ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦାଃ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଓ ଉଦ୍ୟାନକୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ କୁମାର ସୁବୁଦ୍ଧି, ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ସୁବ୍ରତ କୁମାର ଚାନ୍ଦ, ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ମୟୂରଭଞ୍ଜ ଟଙ୍କଧର କାଲୋ ପ୍ରମୁଖ ଅତିଥି ଅଧିକାରୀଗଣ ଉତ୍ସବରେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅତିଥିମାନେ ତାଳତେଲର ଉତ୍କର୍ଷତା ଏବଂ ଅର୍ଥକାରୀ ଫସଲ ଚାଷ ଫଳରେ ଚାଷୀମାନେ କିପରି ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବେ ତାହା ବିଷୟରେ ନିଜ ନିଜ ର ବକ୍ତବ୍ୟ ରଖିଥିଲେ । ଆମ ରାଜ୍ୟର ୨୦ଟି ଜିଲ୍ଲାରେ ୧୧ଗୋଟି ତାଳତେଲ କମ୍ପାନୀର ସହଯୋଗରେ ଏହି ଫସଲର କାର୍ଯ୍ୟକ୍ରମ ଚାଲୁ ରହିଛି । ଏଥିରେ ୧୧ ଗୋଟି ତାଳତେଲ କମ୍ପାନୀ ନିଜ ନିଜର ସାମଗ୍ରୀଗୁଡ଼ିକୁ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଲାଭଜନକ ଫସଲର ପ୍ରଚାର ଓ ପ୍ରସାର ନିମନ୍ତେ କୃଷକମାନଙ୍କୁ ଜାତୀୟ ଖାଇବାତେଲ ମିଶନ ଯୋଜନାରେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରୋତ୍ସାହନ ପ୍ରଦାନ କରାଯାଉଅଛି। ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକରୁ ଚାଷୀଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ଓ ଉଦ୍ୟାନକୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ଟ୍ରାଫିକ ନିୟନ୍ତ୍ରଣ ସୁପରିଚାଳନା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଜଳେଶ୍ୱର ମ୍ୟୁନିସିପାଲଟିରେ ସଫେଇ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା

ଜଳେଶ୍ୱର ୩/୮ (ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିରେ ନିକଟରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ କେତେକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି । ଗତ ଜୁନ୍‌ମାସ ୧୦ ତାରିଖରେ ଚିଠି ନଂ ୨୭୨୭ ଅନୁଯାୟୀ ୧-୮-୨୪ଠାରୁ ୩୧-୭-୨୫ ପର୍ଯ୍ୟନ୍ତ ଜଳେଶ୍ୱର ମ୍ୟୁନିସିପାଲଟି ଅଂଚଳରେ ସଫେଇ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ ଟେକନିକାଲ ବିଡରେ କାର୍ଯ୍ୟକରିବାର ଅଭିଜ୍ଞତା ଓ ଟର୍ଣ୍ଣଓଭରକୁ ନେଇ ଆର୍ଥିକ ବିଡ ମଂଜୁର ହେବା ନିୟମ ରହିଛି । କିନ୍ତୁ ଏହି ଆର୍ଥୀକ ବିଡରେ ଏକାଧିକ ଆବେଦନକାରୀ ଥିଲେ ଲଟେରି ଅନୁଯାୟୀ ଟେଣ୍ଡର ପକାଇଥିବା ସଂସ୍ଥା ଚୟନ କରାଯିବା ନିୟମ ଅଛି । କିନ୍ତୁ ଜଳେଶ୍ୱର ପୌର ସଂସ୍ଥାରେ ତାହା ହୋଇନଥିବା ସୁରେନ୍ଦ୍ର ବାରିକ ସଫେଇ ଏଜେନ୍ସି ପକ୍ଷରୁ କୁହାଯାଇଛି । ପ୍ରକାଶଯୋଗ୍ୟ ୨୦୨୧-୨୨ ଓ ୨୦୨୨-୨୩ ମସିହାରେ ନ ଥିବା କେତେକ ନିୟମକୁ ଚଳିତବର୍ଷ ଲାଗୁ କରାଯାଇଥିବା ଅଭିଯୋଗ ହୋଇଛି । କିନ୍ତୁ ଏ ସଂପର୍କରେ ଜଳେଶ୍ୱର ପୌରସଂସ୍ଥାର ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଜିତେନ୍ଦ୍ର ମୁର୍ମୁଙ୍କ ମତାମତ ଲୋଡିବାରୁ ତାଙ୍କ ନିକଟରେ ହୋଇଥିବା ଅଭିଯୋଗକୁ ବିଚାର କରି ଆଇନ୍‌ଗତ ଭାବେ ଟେଣ୍ଡର ପ୍ରକିୟା କରାଯାଇଥିବା କହିଛନ୍ତି ।

## କମିଶନରେଟ ପୋଲିସର ଅପରେସନ ମଜନୁ

ଭୁବନେଶ୍ୱର, ୩/୮ (ନି.ପ୍ର): କମିଶନରେଟ ପୁଲିସ ପଞ୍ଝା ରେ ମଜନୁ ସତ୍ୟଜିତ ସାମଲ। କ୍ୟାପିଟାଲ ଥାନାରେ ଦୁଇଟି ଅଭିଯୋଗ ପରେ ଏହି ମଜନୁକୁ ଗିରଫ କରିଛି ପୁଲିସ। ଅଭିଯୁକ୍ତର ଘର ଯାଜପୁର ବିଂଝାରପୁର ଅଂଚଳରେ। ମିଛ ପୋଲିସ ଅଫିସର ପରିଚୟ ଦେଇ ଜୀବନ ସାଥି ମ୍ୟାଟ୍ରିମନିଆଲ ସାଇଟରୁ ମହିଳାଙ୍କୁ ଫସାଉଥିଲା ମଜନୁ ଓରଫ ସତ୍ୟଜିତ ସାମଲ। ଟାର୍ଗେଟରେ ଥିଲେ ଡିଭୋର୍ସ ମହିଳା। ପ୍ରଥମେ ଲଙ୍ଗ ଡ୍ରାଇଭ ପରେ ବିବାହ ତା ପରେ ମହିଳାଙ୍କ ଠାରୁ ଟଙ୍କା ଓ ଗାଡି ନେଇ ଦୁବାଇ ଫେରାର ହେଇଯାଉଥିଲା ବୋଲି କମିସନରେଟ ପୋଲିସ କହିଛି। ଅଭିଯୋଗ ପରେ ଅଭିଯୁକ୍ତ ଦୁବାଇରେ ଅଛି ଜାଣି କମିଶନରେଟ ସିଲେକ୍ଟଡ୍ ଅଫିସରଙ୍କୁ ନେଇ ପୁଲିସଙ୍କୁ ନେଇ ଆରମ୍ଭ କରିଥିଲା ଅପରେସନ ମଜନୁ। ଯେଉଁଥିଲେ ଜଣେ ମହିଳା ପୋଲିସକୁ ଲୈଲା ସଜେଇ ଅଭିଯୁକ୍ତ ଦୁବାଇରୁ ଭୁବନେଶ୍ୱର ଆଣିଥିଲା। ହେଲେ ଲୈଲା ଲୋଭ ରେ ପଶିଗଲା ମଜନୁ। ଭୁବନେଶ୍ୱର ରେ ଲୈଲା ପାଖରେ ପହଂଚିବା ପରେ ମାଡି ବସିଥିଲା ପୋଲିସ । ଓଡିଶା ସମେତ ଦିଲ୍ଲୀ,ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ , ଭୋପାଳର ମହିଳା ହୋଇଛନ୍ତି ଠକାମୀର ଶିକାର। ୩ ଟି ବ୍ୟାଙ୍କ ରୁ ୧ଲକ୍ଷ ୭୫ ହଜାର ଟଙ୍କା ସହ ଦୁଇଟି ମ୍ୟାରେଜ ଏଗ୍ରିମେଣ୍ଟ ଜବତ କରିଛି ପୋଲିସ୍ ବୋଲି ପୋଲିସ୍ କମିଶନର ସଂଜୀବ ପଣ୍ଡା କହିଛନ୍ତି ।

## ରୋଟାରୀ କ୍ଲବର ଅଂଗଦାନ ସଚେତନତା ଶୋଭାଯାତ୍ରା

ଜଳେଶ୍ୱର ୩/୮ (ନିପ୍ର) : ଜଳେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ରୋଟାରୀ କ୍ଲବ ପକ୍ଷରୁ ଜାତୀୟ ଅଂଗଦାନ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏକ ଶୋଭାଯାତ୍ରାରେ ବିକାଶ ଧର ପତକା ଦେଖାଇ ଶୋଭାଯାତ୍ରାକୁ ଶୋଭାରମ୍ଭ କରିଥିଲେ । ଝାଡେଶ୍ୱରପୁରଠାରୁ ଷ୍ଟେସନବଜାର, ବଡବଜାର, ନୂଆବଜାର, ହସ୍‌ପିଟାଲ, ପୁରୁଣା କୋର୍ଟ, ଶାନ୍ତିଆ, ବ୍ଲକ ଛକ, ବାସନ୍ତୀ ପଡିଆ ସାରୀ ରୋଟାରୀ କ୍ଲବ ସମ୍ମୁଖରେ କ୍ଲବର ସଦସ୍ୟମାନେ ସମବେତ ହୋଇଥିଲେ । ସଭାପତି ଭାସ୍କର ସ୍ୱାଇଁ, ସଂପାଦକ ସୁବିର ଚାଟାର୍ଜୀ, କ୍ଲବ ଅଂଗଦାନ ଅଧ୍ୟକ୍ଷ ସତ୍ୟନାରାୟଣ ସିଂ ଓ ଅଂଶୁମାନ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଭଳି ଅଂଗଦାନର ଆବଶ୍ୟକତା ସାମ୍ପ୍ରତିକ ସମାଜରେ ଜରୁରୀ ବୋଲି ମତପ୍ରକାଶ ପାଇଥିଲେ । 'ଅଂଗଦାନ କରନ୍ତୁ, ଅମର ରହନ୍ତୁ' ବାର୍ତ୍ତା ପ୍ରଚାର କରି ଦୁର୍ଘଟଣାଗ୍ରସ୍ତ ରୋଗୀ ଓ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ନିରିକ୍ଷାରେ ସହାୟତା କରିବାକୁ ସେମାନେ ପରାମର୍ଷ ଦେଇଛନ୍ତି। ଅଂଗଦାନ ଲାଗି ସମ୍ମତିପତ୍ର ସଂପର୍କରେ ସେମାନେ ସୂଚନା ଦେଇଥିଲେ ।

# ବରହମପୁର ଆଞ୍ଚଳିକ ସ୍ୱାଧୀନତା ଦିବସ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ରାଜବରହମପୁର, ୩/୮ (ନି.ପ୍ର): ଧରମପୁର ପଞ୍ଚାୟତ ସଭାଗୃହ ଠାରେ ଶନିବାର ପୂର୍ବାହ୍ଣରେ ବରିଷ୍ଠ ସମାଜସେବୀ ତଥା ପୂର୍ବତନ ଅଧ୍ୟାପକ ରବିନାରାୟଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଐତିହାସିକ ଜାତୀୟପର୍ବ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି । ଏହି କମିଟି ୧୯୮୨ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଏ ଅଂଚଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ/ଶିକ୍ଷୟତ୍ରୀ ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ନେଇ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ। ପ୍ରତିଥର ଭଳି ଚଳିତ ବର୍ଷ ମଧ୍ୟ ସ୍ଥାୟୀ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଥମେ ପ୍ରତ୍ୟୁଷରୁ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରୀ କରାଯିବା ସହିତ ଜାତୀୟ ସଙ୍ଗୀତ ଗାନ କରାଯିବ।ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାର ସ୍ଥିର ହୋଇଛି। ତତ୍ ପରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୂର୍ବରୁ କେବଳ ଟ୍ରଫି ଦିଆଯାଉଥିଲା । କିନ୍ତୁ ଏଥର ଟ୍ରଫି ସହିତ ଆର୍ଥିକ ଅନୁଦାନ ମଧ୍ୟ ପ୍ରଦାନ କରାଯିବାର ନିଷ୍ପତି ନିଆଯାଇଛି ।ଏହି ବୈଠକରେ ଆଞ୍ଚଳିକ କମିଟିର ସମ୍ପାଦକ ରାଜୀବଲୋଚନ ଚୌଧୁରୀ, ସରପଞ୍ଚ ସଂଜୀବ ସିଂ, କୃତିବାସ ବେହେରା, ସଭ୍ୟ ଦୀପକ କୁମାର ସିଂ, କୈଳାଶ ବେହେରା, ଶଙ୍କର୍ଷଣ ପଣ୍ଡା, ସଂଜୀବ ଚୌଧୁରୀ, ଜୟନ୍ତ ପଟ୍ଟନାୟକ, ସୁଶାନ୍ତ ସେଠୀ ଓ ଦୁଇ ପଞ୍ଚାୟତ ଅଧିନସ୍ଥ ସମସ୍ତ ବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବାଲିଆପାଳରେ ସମର୍ପଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ

ବାଲିଆପାଳ/ଲଙ୍ଗଳେଶ୍ୱର, ୩/୮ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଶନିବାର ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଖଣ୍ଡ କାର୍ଯ୍ୟବାହ ବାସୁଦେବ ନାୟକ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ପରମ ପବିତ୍ର ଭଗବା ଧ୍ୱଜା ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗୁରୁ ।ବର୍ଷକରେ ଥରେ ଅର୍ଥାତ ବ୍ୟାସ ପୂର୍ଣ୍ଣିମା ଠାରୁ ସପ୍ତାହ ବ୍ୟାପୀ ସମସ୍ତ ସ୍ୱୟଂ ସେବକମାନେ ନିଜର ଆର୍ଥିକ ସମର୍ପଣ କରିଥାନ୍ତି ।ସେହି ଅର୍ଥରେ ବର୍ଷ ତମାମ ସଂଘର କାର୍ଯ୍ୟ ଚାଲିଥାଏ ।ଦେଶ ସମାଜର ସେବା



କରିବା ଜଣେ ସ୍ୱୟଂ ସେବକର ଆଦର୍ଶ ହୋଇଥାଏ ବୋଲି ଶ୍ରୀ ନାୟକ କହିଥିଲେ ।କାର୍ଯ୍ୟକ୍ରମରେ ମନୋଜ କୁମାର ବାରିକ,ଗୋପାଳ ଦାସ,ସଞ୍ଜୟ ପରିଡା ପ୍ରମୁଖ ଯୋଗ ଦେଇ କାର୍ଯ୍ୟ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଂଘ ପରିବାରର ବିଭିନ୍ନ ସଂଗଠନରୁ ନେତୃ ମଣ୍ଡଳୀ ଯୋଗଦେଇ ସମର୍ପଣ କରିଥିଲେ ।ଶେଷରେ ଦଂଘର ପ୍ରାର୍ଥନା କରାଯିବା ସହିତ ଧ୍ୱଜ ପ୍ରଣାମ କରାଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।

# ଏନପିଏସ ଶିକ୍ଷକ ସଂଘର ଦ୍ୱିବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ଖଇରା, ୩/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶିକ୍ଷକ ସଂଘ ଭବନ ପରିସରରେ ଅଲ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନସନ ଭୁକ୍ତ)ର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଶନିବାର ଅପରାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ବିଦ୍ୟାଳୟରେ ପିଲାମାନେ ଯେତିକି ସମୟ ରହୁଛନ୍ତି ଶିକ୍ଷକଶିକ୍ଷୟତ୍ରୀ ମାନେ ମାବାପା ଭଳି ଗୁରୁ ଦାୟିତ୍ୱ ବହନ କରି ସେମାନଙ୍କୁ ମଣିଷ କରିବା ଦରକାର ବୋଲି କହିଥିଲେ । ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ମୁଖ୍ୟଅତିଥି,ଗୋଷ୍ଠୀ ଶିକ୍ଷାଧିକାରୀ



ଗଦାଧର ଦାସ ମୁଖ୍ୟବକ୍ତା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ,ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ଜୟନ୍ତ କୁମାର ପଣ୍ଡା,ବିଜୟ କୁମାର ଦାଶ, ବ୍ରହ୍ମାନନ୍ଦ ସାହୁ, ପ୍ରଫୁଲ୍ଲ କୁମାର ଦାଶ, କୈଳାସ ଚନ୍ଦ୍ର ବେହେରା,ବିକ୍ରମ ବେହେରା, ମହେନ୍ଦ୍ର କୁମାର ବରିସାଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦୟ ନାରାୟଣ ପାତ୍ର ବିବରଣି ପାଠ କରିଥିଲେ । ଏହି ଅବସରରେ ଚଳିତ ବର୍ଷ କାର୍ଯ୍ୟରୁ ଅବ୍ୟାହତି ନେଇଥିବା ଶିକ୍ଷୟତ୍ରୀ ଶିକ୍ଷକ ଶକୁନ୍ତଳା ମହାପାତ୍ର,ଭଗବାନ ସେଠୀ, ଜଳଧର ପୃଷ୍ଟି,ଉମାମଣୀ ପଣ୍ଡା, ଶିବପ୍ରସାଦ ଦାଶ, ମହେଶ୍ୱର ଯେନା, ରମାକାନ୍ତ ଦାସ,ରାଜେନ୍ଦ୍ର ନାରାୟଣ ରଥ,ବିନୋଦ କୁମାର ଓଝା,ଗୟାଧର ରାଉଳ ଓ ଶ୍ରୀଧର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଲମ୍ବୋଦର ଦାସ,ଭରତ ଚନ୍ଦ୍ର ଶିଅଳ,ପ୍ରଦୀପ କୁମାର ମହାନ୍ତି, ରଞ୍ଜନ କୁମାର ମହଲା,ସନ୍ତୋଷ କୁମାର ବାରିକ,ତୁଳସୀ ପରିଡା,ଆରତୀ ଜେନା,କସ୍ତୁରୀ ମହାପାତ୍ର,ସୀତା ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମୟୂରଭଞ୍ଜ ଜିଲ୍ଲା ଖାଦ୍ୟ ଯୋଗାଣ କାର୍ଯ୍ୟାବଳୀ ସମ୍ବନ୍ଧୀୟ ସମୀକ୍ଷା ବୈଠକ

ବାରିପଦା, ୩/୮ (ନି.ପ୍ର): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତଥା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ, ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ, ମୟୂରଭଞ୍ଜ ଜିଲ୍ଲା ଖାଦ୍ୟ ଯୋଗାଣ କାର୍ଯ୍ୟାବଳୀ ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲାରେ ଖାଦ୍ୟ ଯୋଗାଣର କାର୍ଯ୍ୟାବଳୀ, ସମସ୍ତ ଆନୁସଙ୍ଗିକ ବିଭାଗୀୟ କାର୍ଯ୍ୟକ୍ଷମତା ଏବଂ ଏହି ବିଭାଗ ସହିତ ଜଡିତ ଜନକଲ୍ୟାଣକାରୀ କାର୍ଯ୍ୟ ସମସ୍ତଙ୍କର ବିଶଦ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ, ଜିଲ୍ଲାରେ ଖାଦ୍ୟ ଯୋଗାଣର ସମସ୍ତ ବିବରଣୀ ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ସେଠି ପ୍ରଦାନ କରିଥିଲେ ଏବଂ ଏହି ରିପୋର୍ଟ ଆଧାରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସମେତ ମାନ୍ୟବର ବିଧାୟକ, ବାରିପଦା, ଶ୍ରୀଯୁକ୍ତ ପ୍ରକାଶ ସୋରେନ, ମାନ୍ୟବର ବିଧାୟକ, ସାରସକଣା, ଶ୍ରୀଯୁକ୍ତ




ଭାଦବ ହଂ।ସଦା, ମାନ୍ୟବର ବିଧାୟକ, ଉଦଳା, ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ ଜିଲ୍ଲାରେ ବିଭାଗୀୟ କାର୍ଯ୍ୟ ବିଷୟରେ ସମୀକ୍ଷା କରିଥିଲେ। ଆଲୋଚ୍ୟ ବିଷୟ ମାନଙ୍କ ମଧ୍ୟରେ, ସରକାରୀ ୍ଳିଳୟ ମାନଙ୍କରେ ମିଡ୍-ଡେ ମିଲ ରେ ବ୍ୟବହୃତ ଖାଦ୍ୟ ସାମଗ୍ରୀ ଯୋଗାଣ, କୃଷକ ମାନଙ୍କର ମଣ୍ଡି ଜନିତ ଏବଂ ଖାଦ୍ୟଶସ୍ୟ ପ୍ରକ୍ରିୟାକରଣ କାର୍ଯ୍ୟ ସମସ୍ତ ସାମିଲ ଥିଲା। ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେଯେ କୃଷକ ମାନଙ୍କ ପାଇଁ ରାଜ୍ୟ ସରକାର କାର୍ଯ୍ୟରତ ଏବଂ ଚାଷୀ ମାନଙ୍କର ଖାଦ୍ୟଶସ୍ୟ ଯେପରି ଉଚିତ ଦାମରେ କ୍ରୟ ତଥା ବିକ୍ରୟ କରାଯିବ ସେ ପ୍ରତି ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟରତ ହେବା ଆବଶ୍ୟକ। ତତସହିତ ମନ୍ତ୍ରୀ ଏହା ମଧ କହିଥିଲେ ଯେ ପ୍ରତ୍ୟେକ ବିଦ୍ୟାଳୟରେ ଆବଶ୍ୟକୀୟ ପରିମାଣର ଖାଦ୍ୟ ସାମଗ୍ରୀ ପହଁଚୁଛି କି ନାହିଁ ଏବଂ ଯେପରି ଏଥିରେ କୌଣସି ପ୍ରକାରର ପ୍ରଭେଦାତ୍ମକ କାର୍ଯ୍ୟକଳାପକୁ ଗ୍ରହଣ କରାଯିବ ନାହିଁ। ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୁର୍ଣ୍ଣଚନ୍ଦ୍ର ସେଠି ଜିଲ୍ଲାରେ ଥିବା ୨୬ଟି ବ୍ଲକକୁ ଉଚିତ ମାପକ ଖାଦ୍ୟ ଯୋଗାଣ ହେଉଛି ଏବଂ ଆଗାମୀ ସମୟରେ ଏହାର ମାନକ କୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ଏହି ସମୀକ୍ଷାରେ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ରଜନୀକାନ୍ତ ସ୍ୱାଇଁ ଏବଂ ଅତିରିକ୍ତ ଜିଲ୍ଲାପାଳ, ରାଇରଙ୍ଗପୁର, ଶ୍ରୀ ଦୌଲତ ଚନ୍ଦ୍ରକାର ଯୋଗ ଦେଇ ସମସ୍ତ ଆଲୋଚ୍ୟ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଦେବା ସହିତ ଆଗାମୀ ଦିନଗୁଡିକରେ ଜିଲ୍ଲାରେ କାର୍ଯ୍ୟ ପଦ୍ଧତିରେ କିଭଳି ସୁଧାର ଆସିବା ସେ ବିଷୟରେ ମାନ୍ୟବର ମନ୍ତ୍ରୀନଙ୍କ ଠାରୁ ଉପଦେଶ ଏବଂ ମନ୍ତବ୍ୟ ଗ୍ରହଣ କରିଥିଲେ।

# ବାଲିଆପାଳରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଗୁରୁ ଦକ୍ଷିଣା ଉତ୍ସବ

ବାଲିଆପାଳ , ୩/୮ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପକ୍ଷରୁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଶନିବାର ଗୁରୁ ଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୁରାତନ ସ୍ୱୟଂ ସେବକ ବାସୁଦେବ ନାୟକ, ସଞ୍ଜୟ କୁମାର ପରିଡା , ଡା ସୁକାନ୍ତ କୁମାର ଗିରି, ହିମାଂଶୁ କୁମାର ଜେନା, ଅଜୟ କୁମାର ସାହୁ, ଅତିଥି ସ୍ୱୟଂ ସେବକ ଭାବେ ଭାଜପା ନେତା ରବୀନ୍ଦ୍ର କୁମାର ଅଣ୍ଡିଆ, ବିକାଶ ଚନ୍ଦ୍ର ଗିରି, ଗୌରବ କୁମାର ଅଣ୍ଡିଆ, ଅରବିନ୍ଦ ବେହରା, ରାଧା ଗୋବିନ୍ଦ ବେହେରା, ଶ୍ୟାମା ପ୍ରସାଦ ବେହେରା, ମନ୍ମଥ କୁମାର ପାତ୍ର,ବସନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଗୈରିକ ଧ୍ୱଜ ତଳେ ଗୁରୁ ଦକ୍ଷିଣା ଅର୍ପଣ କରି ଥିଲେ। ସଂଘର ସ୍ୱୟଂ ସେବକ ଗୋପାଳ ଚାନ୍ଦ ଓ ମନୋଜ କୁମାର ବାରିକ ଏହାକୁ ପରି ଚାଳନା କରି ଥିଲେ। ପୁରାତନ ସ୍ୱୟଂ ସେବକ ବାସୁଦେବ ନାୟକ ମାର୍ଗ ଦର୍ଶକ ଭାବେ ଯୋଗ ଦେଇ ସଂଘ ର ଇତିହାସ ସମ୍ପର୍କରେ କହି ଥିଲେ।



## ୧୫ ମନ୍ତ୍ରୀ ବୁଲିବେ ୩୦ ଜିଲ୍ଲା

ଭୁବନେଶ୍ୱର , ୩/୮ (ନି.ପ୍ର): ମନ୍ତ୍ରୀମାନେ ଜିଲ୍ଲା ଗସ୍ତ କରିବେ। ବଜେଟର ବିଭିନ୍ନ ଦିଗ ବାବଦରେ ସାଧାରଣ ଲୋକଙ୍କ ସହ ଚର୍ଚ୍ଚା ଆଲୋଚନା କରିବେ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ମନ୍ତ୍ରୀମାନଙ୍କ ଜିଲ୍ଲାବୁଲିବା ପାଇଁ ଯୋଜନା ହୋଇଛି । ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ସହ ଯୋଡିବା ପାଇଁ ସଙ୍ଗଠନର ଭୂମିକା ରହିଛି । ସଙ୍ଗଠନ ସେଇ ଭୂମିକା ନିର୍ବାହ କରିବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo